## ଦାଦନ ଶ୍ରମିକ ଗଜାନନଙ୍କ ମୃତ୍ୟୁ ଘଟଣା

# ଶ୍ରମ ବିଭାଗର ତଦନ୍ତ ଆରମ୍ଭ

**ବଲାଙ୍ଗିର, ୪।୧(ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଆମପାଲି ଗାଁର ଦାଦନ ଶ୍ରମିକ ଗଜାନନ ଷାଣ୍ଡଙ୍କ ମୃତ୍ୟୁ ଘଟଣା ଆଜକୁ ୫ ଦିନ ବିତିଯାଇଛି। ତଥାପି ଘଟଣାର

### ଦାଦନ ସର୍ଦ୍ଦାରକୁ ପୁଲିସ ଗିରଫ କରିବ କେବେ

ସତ୍ୟାସତ୍ୟ ପଦାକୁ ଆସିପାରିନାହିଁ। ଗଜାନନକୁ ହତ୍ୟା କରାଯାଇଛି ନା ଅନ୍ୟ କିଛି ଘଟଣା ରହିଛି ତାହା ଅସ୍ପଷ୍ଟ ରହିଥିବା ବେଳେ ସବୁକିଛି ଜାଣି ଅଜଣା ପରି ହେଉଛି ସ୍ଥାନୀୟ ପ୍ରଶାସନ। ଏବେବି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଦାଦନ ସର୍ଦ୍ଦାର ପ୍ରଦୀପ ତାଣ୍ଡି ଖୋଲାଖୋଲି ଭାବେ ବୁଲାବୁଲି କରୁଥିବାରୁ ଶ୍ରମିକଙ୍କ ପରିବାର ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ଉକ୍ତ ସର୍ଦ୍ଦାର କେତେବେଳେ ଟଙ୍କା ନେଇ ଚୁପ ରହିବାକୁ କହୁଛି ତ ଆଉ କେତେବେଳ ଲୋକ ଲଗାଇ ଶ୍ରମିକଙ୍କ ପରିବାରକୁ ଧମକଚମକ ଦେଉଥିବା ଅଭିଯୋଗ ହେଉଛି। ତଥାପି ପାଟଣାଗଡ଼ ପୁଲିସ ଚୁପ ରହୁଥିବାରୁ ପୁଲିସର ଭୂମିକାକୁ ନେଇ ଗ୍ରାମବାସୀ ସନ୍ଦେହ କରିବା ସହ ତାଙ୍କୁ ଗିରଫ କରିବାକୁ ଦାବି ଜଣାଇଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ପାଟଣାଗଡ଼ ସହକାରୀ ଶ୍ରମ ଅଧିକାରୀ ପରିବାର ଲୋକଙ୍କୁ ଭେଟି ପଚରାଉଚରା କରିଛନ୍ତି। ତଥାପି ଅଭିଯୁକ୍ତଙ୍କ ବିରୋଧରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଉକ୍ତ ଅଧିକାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନା ମତେ ବେଲପଡ଼ା ସହରର ଦାଦନ ଦଲାଲ ପ୍ରଦୀପ ତାଣ୍ଡିଙ୍କ ଠାରୁ ବଇନା ନେଇ ଗଜାନନ ମାସକ ତଳେ ନିଜ ସ୍ତ୍ରୀ ଏବଂ ଦୁଇ ପିଲାଙ୍କୁ ଧରି ରାଜ୍ୟ ବାହାର ବିଜୟନଗରମ ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିଲେ। ସୁସ୍ଥ ସବଳ ହୋଇ ଘରୁ ଯାଇଥିବା ବେଳେ ସେଠାରେ ଅତ୍ୟଧିକ କାମ କରାଉଥିବାରୁ ଗଜାନନଙ୍କ ଦେହ ଅସୁସ୍ଥ ହୋଇଥିଲା। କିନ୍ତୁ ସର୍ଦ୍ଦାର ଜଣଙ୍କ ଗଜାନନକୁ ଚିକିତ୍ସା କରିବା ବଦଳରେ ଆହୁରି କାମ ସହ ନିର୍ଯାତନା ଦେଇଥିଲା। ଯାହା ଫଳରେ ଗଜାନନ ଦେହ ସମ୍ପୂର୍ଣ ଅସୁସ୍ଥ ହୋଇ ପଡ଼ିଥିଲା। ଏନେଇ ପରିବାର ଲୋକ ପ୍ରତିବାଦ କରିବାରେ ପତ୍ନୀ ଓ ପିଲାଛୁଆଙ୍କୁ ବନ୍ଧକ ରଖି ଗଜାନନକୁ ଜଣେ ଦଲାଲ ସହ ଗାଁକୁ ପଠାଇ ଦେଇଥିଲା। କିନ୍ତୁ ଆସିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ବାଟରେ ଝୁଲୁ ସର୍ଦ୍ଦାର ମାରି ଦେଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ସମ୍ପୂର୍ଣ୍ଣ ଘଟଣା ରହସ୍ୟାବୃତ୍ତ ହୋଇପଡ଼ିଥିବା ବେଳେ ନ୍ୟାୟ ଅପେକ୍ଷା ଶ୍ରମିକଙ୍କ ପରିବାର ଅଛନ୍ତି। ସ୍ୱାମୀ ଚାଲିଗଲା ପରେ ଏବେ କେମିତି ନିଜ ପରିବାର ପ୍ରତିପୋଷଣ କରିବେ ସେନେଇ ସ୍ତ୍ରୀ ଜାମା ଷାଣ୍ଡ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ଏନେଇ ପାଟଣାଗଡ଼ ସହକାରୀ ଶ୍ରମ ଅଧିକାରୀ ବିନୋଦ ବିହାରୀ ନାଏକଙ୍କୁ ପଚାରିବାରୁ ଦାଦନ ସର୍ଦ୍ଦାରଙ୍କୁ କାରଣଦର୍ଶାଅ ନୋଟିସ କରାଯାଇଥିବା ସେ କହିଛନ୍ତି।



## ବନ ବିଭାଗର ଚଢ଼ଉ; କାଠ ଜବତ

**ବଲାଙ୍ଗିର, ୪।୧(ସମିସ):** ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଗେଡ଼ାବାଞ୍ଜୀ ଗ୍ରାମରେ ବନବିଭାଗ ଚଢ଼ାଉ କରି କାଠ ଜବତ କରିଛି। ବେଆଇନ କାଠ କାରବାର କରୁଥିବା ଅଭିଯୋଗରେ ସନ୍ତୋଷ କୁମାର ନାଏକଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ ଗେଡ଼ାବାଞ୍ଜୀଠାରେ ବେଆଇନ ଭାବରେ କାଠ ଚାଲାଣ ହେଉଥିବା ନେଇ ବନ ବିଭାଗ ଖବର ପାଇଥିଲା। ଡିଏଫଓଙ୍କ ନେତୃତ୍ୱରେ ଏକ ଟିମ ଘଟଣାସ୍ଥଳରେ ଚଢ଼ଉ କରିଥିଲା। କାଠ ଜବତ ହୋଇଥିବା ଏକ ଟ୍ରାକ୍ଟର ମଧ୍ୟ ଜବତ ହୋଇଛି। ଏହି ଚଢ଼ାଉରେ ହରିବଂଶ ପଧାନ, ଫରେଷ୍ଟର ମାନସୀ ସ୍ୱାଇଁ, ଫରେଷ୍ଟ ଗାର୍ଡ ଏବଂ ବଲାଙ୍ଗୀର ରେଞ୍ଜ ଅଧିକାରୀ ନବିନ କୁମାର ପଣ୍ଡା ସାମିଲ ଥିଲେ।



## ଟ୍ରେନ୍ ଧକ୍କାରେ ବୃଦ୍ଧ ମୃତ

**ବଲାଙ୍ଗିର, ୪।୧(ସମିସ):** ବଲାଙ୍ଗିର ସହର ସୁଦପଡ଼ା ରେଳଫାଟକ ନିକଟରେ ଟ୍ରେନ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣକ କଂସାରୀ ପଡ଼ାର ଧ୍ରୁବ ସାହୁ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଗୁରୁବାର ସକାଳେ ଧ୍ରୁବ ରେଳଧାରଣା ନିକଟକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ସମ୍ବଲପୁର ପଟୁ ଆସୁଥିବା ଏକ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

## ରାତ୍ର ଜଗୁଆଳିଙ୍କୁ ମରଣାନ୍ତକ ଆକ୍ରମଣ କରି ଜେଲଗଲେ ସରପଞ୍ଚଙ୍କ ସ୍ୱାମୀ

ବଲାଙ୍ଗିର, ୪।୧(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକର ରାତ୍ର ଜଗୁଆଳି ସୁମନ୍ତ ଭୋଇ (୫୪)ଙ୍କୁ ମରଣାନ୍ତକ ଆକ୍ରମଣ କରି ଡେଙ୍ଗ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଟିକେଶ୍ୱର ସାହୁ ଓ ତାଙ୍କର ଦୁଇ ସମର୍ଥକ ଟିକେଶ୍ୱର ସାହୁ ଓ ବବଲୁ ରଣା ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ସୂଚନା ଅନୁସାରେ ବୁଧବାର ରାତି ୯ଟା ୧୫ରେ ରାତ୍ର ଜଗୁଆଳି ଶ୍ରୀ ଭୋଇ ବ୍ଲକ କାର୍ଯାଳୟକୁ ଯାଉଥିବା ବେଳେ ତହସିଲଦାରଙ୍କ ସରକାରୀ ବାସଭବନ ସମ୍ମୁଖରେ ଡେଙ୍ଗ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଟିକେଶ୍ୱର ଓ ତାଙ୍କ ସମର୍ଥକ ନିସ୍ତୁକ ମାଡ଼ ମାରିଥିଲେ। ସେ ସମୟରେ ତହସିଲଦାର ବାସଭବନକୁ ଫେରୁଥିବା ବେଳେ ତହସିଲଦାରଙ୍କ ଡ୍ରାଇଭର ଗାଡି ଅଟକାଇବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଗୁରୁବାର ଶ୍ରୀ ଭୋଇ ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିବାରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ରାତ୍ର ଜଗୁଆଳିଙ୍କୁ କାହିଁକି ଆକ୍ରମଣ କରାଯାଇଛି ସେ ସମ୍ପର୍କରେ ଜଣାପଡ଼ି ନାହିଁ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଯିବ ଗୁଆ, ଚାଉଳ

**ବଲାଙ୍ଗିର, ୪।୧(ସମିସ):** ଆସନ୍ତା ୧୭ ତାରିଖ ଦିନ ଲୋକାର୍ପଣ ହେବ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ। ସାରା ଓଡ଼ିଶାରେ ଉତ୍ସବ ଭାବରେ ପାଳନ କରିବାକୁ ଉତ୍ସାହ ପରିଲକ୍ଷିତ ହୋଇଛି। ବଲାଙ୍ଗିର ଜିଲ୍ଲାରୁ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ବଲାଙ୍ଗିର ଜିଲ୍ଲାରୁ ଗୁଆ ଓ ନଡିଆ ଯିବ। ତେଣୁକରି ପୁଇଁତଲା ବ୍ଲକରେ ଗୁରୁବାର ସକାଳେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁଇଁତଲା ବ୍ଲକ ଅଧ୍ୟକ୍ଷ ସରୋଜ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଗୁଆ ନଡିଆ ପଠାଇବାକୁ ଆଲୋଚନା ହୋଇଥିଲା। ପ୍ରତେକ ଗ୍ରାମରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିବାକୁ ନିଷ୍ପତ୍ତି ପ୍ରକାଶ ପାଇଥିଲା। ଏହି ବୈଠକରେ ପୁଇଁତଲା ବ୍ଲକର ସମସ୍ତ ନିର୍ବାଚିତ ସରପଞ୍ଚମାନେ ଉପସ୍ଥିତ ଥିଲେ।

## ଉଦ୍‌ଘାଟିତ ହେଲା ଅତ୍ୟାଧୁନିକ ସ୍ମାର୍ଟ ପାର୍କ 'ବଲାଙ୍ଗିର ଉଦ୍ୟାନ'

**ବଲାଙ୍ଗିର, ୪।୧(ସମିସ):** ସାଢେ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଅତ୍ୟାଧୁନିକ ସ୍ମାର୍ଟ ପାର୍କ 'ବଲାଙ୍ଗିର ଉଦ୍ୟାନ' ଉଦ୍‌ଘାଟିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ପୂର୍ବତନ ସାଂସଦ ତଥା ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ, ବଲାଙ୍ଗିର ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁ, ଜିଲ୍ଲାପାଳ ଚଞ୍ଚଳ ରାଣା, ଏସ୍‌ପି ରିଷିକେଶ ଖିଲାରୀ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ଯୁବ ନେତା ଅର୍କେଶ ନାରାୟଣ ସିଂଦେଓ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ରହି ବଲାଙ୍ଗିର ଉଦ୍ୟାନକୁ ବଲାଙ୍ଗିରବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ପ୍ରାୟ ୭ ଏକର ଜାଗାରେ ନିର୍ମିତ ହୋଇଥିବା ଏହି ସ୍ମାର୍ଟ ପାର୍କରେ ପିଲାଠୁ ବୁଢ଼ା ସମସ୍ତଙ୍କ ମନୋରଞ୍ଜନ ପାଇଁ ସମୃଦ୍ଧ ବ୍ୟବସ୍ଥା ରହିଥିବା ବେଳେ ପାର୍କ ଭିତରେ ବିଶେଷ ଆକର୍ଷଣ ଖୋଲା ଥିଏଟର, ଯୋଗ ପୋଡ଼ିମ ଛୋଟରୁ ବୟସ୍କଙ୍କ ପାଇଁ ଜିମ୍‌ର ଉପକରଣ, ସୁନ୍ଦର ଝରଣା, ଗ୍ରୀନଗ୍ରାସ, ଫୁଡ୍ କୋର୍ଟ ଓ ପୋଖରୀ ମଧ୍ୟ ରହିଛି। ଅତ୍ୟାଧୁନିକ କୌଶଳରେ ପ୍ରସ୍ତୁତ କରାଯାଇଛି ସ୍ମାର୍ଟ ପାର୍କ 'ବଲାଙ୍ଗିର ଉଦ୍ୟାନ'। ଏହା ବଲାଙ୍ଗିରବାସୀଙ୍କ ମନୋରଞ୍ଜନ ପାଇଁ ବେଶ୍ ଉପାଦେୟ ହେବ ବୋଲି ବିଶ୍ୱାସ କରାଯାଉଥିବା ବେଳେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଲାଙ୍ଗିର ସହରବାସୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଶେଷ ଆଲୋକୀକରଣ ବ୍ୟବସ୍ଥା ଓ ସୌନ୍ଦର୍ଯ୍ୟକରଣ ଯୋଗୁଁ ଅତ୍ୟନ୍ତ ଆକର୍ଷଣୀୟ ହୋଇପାରିଛି ବଲାଙ୍ଗିର ଉଦ୍ୟାନ ବୋଲି ଲୋକେ କହିଛନ୍ତି।



## ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ

**ପାଟଣାଗଡ଼, ୪।୧(ସମିସ):** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଲରମ୍ବା ଠାରୁ ଭରତବାହାଲ ପର୍ଯ୍ୟନ୍ତ ରାସ୍ତାକାମ ନିମ୍ନମାନର ହେଉଥିବା ସହ ବିନା ମେସିନରେ କାମ ହେଉଥିବାରୁ ରାସ୍ତାରେ ଖାଲଢିପ ରହୁଥିବା ଅଭିଯୋଗ ହେଉଛି। ସରକାର ଲୋକଙ୍କ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଭଲରେ କାମ ହେଉନାହିଁ ବୋଲି ଲୋକେ ଅଭିଯୋଗ କରିଛଉନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକେ ଯିବା ଆସିବା କରିଥାନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ଏସଡିଓ କହୁଛନ୍ତି ଯେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା କାମ ବିନା ମେସିନରେ କରନ୍ତି। ଯଦି ଏହି ରାସ୍ତା ପାଇଁ ନିୟମ ଅଛି ତାହେଲେ ପିଡବ୍ଲ୍ୟୁଡ଼ି ରାସ୍ତାରୁ ରାକ୍ଷିଉଡାର ରାସ୍ତା କାମ କାହିଁକି ମେସିନରେ କରାଯାଉଛି ବୋଲି ସ୍ଥାନୀୟ ଲୋକମାନେ ପ୍ରଶ୍ନ କରିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।



## ୮ ଦଫା ଦାବିନେଇ ଛାତ୍ର ସଙ୍ଗଠନ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ

**କଣ୍ଟାବାଞ୍ଜି, ୪।୧(ସମିସ):** କଣ୍ଟାବାଞ୍ଜି ଛାତ୍ର ସଂଗଠନ ପକ୍ଷରୁ ଗୁରୁବାର ୮ ଦଫା ଦାବି ନେଇ ସ୍ଥାନୀୟ ତହସିଲ ଅଫିସ ଘେରାଓ କରାଯାଇଛି। ଛାତ୍ର ସଂଗଠନର ନେତା ଚୈତନ୍ୟ ହଂସ ଏବଂ ରାଜେନ୍ଦ୍ର ଦୀପଙ୍କ ନେତୃତ୍ୱରେ ବିଭିନ୍ନ ୱାର୍ଡର ମହିଳାମାନେ ଏକ ଶୋଭାଯାତ୍ରାରେ ସହର ମୁଖ୍ୟ ରାସ୍ତା ଦେଇ ତହସିଲ ଅଫିସ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବୃଦ୍ଧବୃଦ୍ଧାଙ୍କୁ ମାସିକ ଭତ୍ତା ବୃଦ୍ଧି, ବ୍ୟାଙ୍କ ପରିବର୍ତ୍ତେ ଘରକୁ ଟଙ୍କା ପହଞ୍ଚାଇବା, ରାସନ କାର୍ଡରେ ଚାଉଳ ସହ ଚିନି, ଗହମ, ଡାଲି, ତେଲ ଅନ୍ତର୍ଭୁକ୍ତ କରିବା, କଣ୍ଟାବାଞ୍ଜି ଡାକ୍ତରଖାନା ପରିବେଶ ସଫା ସୁତୁରା ରଖିବା ଇତ୍ୟାଦି ଦାବି ରହିଛି। ଅନ୍ୟ ଦାବି ଡାକ୍ତରଖାନାରେ ଲାଞ୍ଚ କାରବାର ବନ୍ଦ, କଣ୍ଟାବାଞ୍ଜିରେ ଟ୍ରାଫିକ ସମସ୍ୟା ସୁଧାର, ଭାରି ଯାନବାହାନ ଚଳାଚଳ ଉପରେ କଟକଣା, କଣ୍ଟାବାଞ୍ଜିର ଛାତ୍ରଛାତ୍ରୀମାନଙ୍କ ପାଇଁ ଖେଳ ପଡ଼ିଆର ବ୍ୟବସ୍ଥା, ବୁଲା ଗାଈଗୋରୁମାନଙ୍କ ପାଇଁ କାଞ୍ଜିଆ ଘର ତିଆରି କରିବା ପ୍ରଭୃତି ରହିଛି। ତହସିଲଦାରଙ୍କ ଅନୁପସ୍ଥିତରେ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।




## ସଦାଇପାଲିରେ ନାଟବାଦୀ-ନାଟଯାତ୍ରା ଫେବୃୟାରୀ ୨୫ରୁ



**ବଲାଙ୍ଗିର, ୪।୧(ସମିସ):** ବଲାଙ୍ଗିର ସହର ଉପକଣ୍ଠରେ ଥିବା ସଦାଇପାଲି ରାମଜୀ ଯୁବକ ସଂଘ ତରଫରୁ ପଲ୍ଲିଶ୍ରୀ ବିହାରସ୍ଥିତ ରାଧାକୃଷ୍ଣ ରଙ୍ଗମଞ୍ଚରେ ଚଳିତ ବର୍ଷ ଫେବୃୟାରୀ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ମହାକୋଶଲ କୋଶଲୀ ନାଟବାଦୀ-ନାଟଯାତ୍ରା ଅନୁଷ୍ଠିତ ହେବ ବୋଲି ଗୁରୁବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ନାଟ୍ୟ ସଂଗଠକ ହିମାଂଶୁ ପାଢ଼ୀ (ଜୟଗୁଡି) ଅଧ୍ୟକ୍ଷତା କରିଥିବା ବେଳେ ନାଟବାଦୀ-ନାଟଯାତ୍ରାର ସଂଯୋଜକ ହରିନାରାୟଣ ପୂଜାରୀ, ନିର୍ଦ୍ଦେଶକ ପ୍ରଶାନ୍ତ ଖମାରୀ ଓ ସମ୍ପାଦକ ଡ.ନାରାୟଣ ପ୍ରସାଦ ମିଶ୍ର ମଞ୍ଚାସୀନ ଥିଲେ। ସମ୍ପାଦକ ଡ. ମିଶ୍ରଙ୍କ ପ୍ରସ୍ତାବ ଅନୁଯାୟୀ ନାଟ୍ୟକାର ୰ହରିହର ମିଶ୍ର(ବରଗଡ଼)ଙ୍କ ସ୍ମୃତିରେ ଚଳିତ ବର୍ଷର ନାଟକୋତ୍ସବ ଉତ୍ସର୍ଗୀକୃତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ପୁନଶ୍ଚ ପ୍ରତ୍ୟେହ କୋଶଲୀ ନାଟ୍ ସହ ରାମଲୀଳା ମଧ୍ୟ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ୫ ଦିନରେ ମୋଟ ୭ଟି କୋଶଲୀ ନାଟକ ଓ ୪ଟି ଗୀତିନାଟ୍ୟ ରାମଲୀଳାରୁ କରାଯିବା ପାଇଁ ସ୍ଥିର ହୋଇଛି। ଆଜିର ସଭାରେ ଶତୃଘ୍ନ ବେହେରା, ମେରୁ ବାରିକ, ଶରତ କୁମାର ପୁଟେଲ, ନିରାକାର ସାଏ, ସତ୍ୟବାଦୀ ନାଏକ ଆଦି କଳାକାର ନାଟକ ଉତ୍ସବକୁ ସୂଚାରୁ ରୂପେ ପରିଚାଳନା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଚଳିତ ବର୍ଷ ନାଟ୍ୟଗୁରୁମାନଙ୍କୁ ପୁରସ୍କୃତ କରିବା ସହ ସ୍ମରଣିକା 'ଚାନ୍ଦଲୀ-୯' ପ୍ରକାଶ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଭାରେ ଅନ୍ୟମାନଙ୍କ ମଧ୍ୟରେ ରାମଜୀ ଯୁବକ ସଂଘର ସଭାପତି ଡା. ପ୍ରମୋଦ କୁମାର ମିଶ୍ର, ବରିଷ୍ଠ ସଦସ୍ୟ ରମେଶ ନାଏକ, ବିରଞ୍ଚି ସାଏ, ପ୍ରଫୁଲ୍ଲ ମିଶ୍ର ତଥା ଲୋକନାଥ ସିଂହ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ହରିଶଙ୍କର ମନ୍ଦିରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

## ମାହେଶ୍ୱରୀ ସଙ୍ଗଠନ ପକ୍ଷରୁ ଡଷ୍ଟବିନ୍ ପ୍ରଦାନ

**ବଲାଙ୍ଗିର, ୪।୧(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ହରିଶଙ୍କର ପୀଠକୁ ସମ୍ପୂର୍ଣ୍ଣ ଆବର୍ଜନାମୁକ୍ତ କରିବା ପାଇଁ ଏକ ସଚେତନତା ଧର୍ମୀ କାର୍ଯ୍ୟ ରୂପେ ଡଷ୍ଟବିନ୍ ବଣ୍ଟନ ହୋଇଛି। ମନ୍ଦିରର ମୁଖ୍ୟ ପୂଜକ ନରସିଂହ ପୂଜାରୀ ଓ ମ୍ୟାନେଜର ଭାଗ୍ୟବନ୍ତ ସାହୁ ଡଷ୍ଟବିନ୍ ଗ୍ରହଣ କରି ମନ୍ଦିର ଏବଂ ଆଖପାଖ ସ୍ଥାନରେ ସ୍ଥାପନ କରିଛନ୍ତି। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଖପ୍ରାଖୋଲ ମାହେଶ୍ୱରୀ ସଂଗଠନର ସଭାପତି ସରୋଜ ସାହୁ, ସଂଯୋଜକ ସନ୍ତୋଷ ସିଂହ ଠାକୁର ଏବଂ ସଦସ୍ୟ ସାଇ ଶ୍ୟାମ ସିଂହବାବୁ, ବିନୋଦ ପଧାନ ଓ ପିଣ୍ଟୁ ସାହୁ ସହଯୋଗ କରିଥିଲେ। ଆଗାମୀ ଦିନରେ ହରିଶଙ୍କରରେ ସ୍ୱଚ୍ଛତାମୂଳକ କାର୍ଯ୍ୟକ୍ରମ ଜାରି ରରହିବ ବୋଲି ମାହେଶ୍ୱରୀ ସଂଗଠନର ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ କହିଛନ୍ତି।



## ପିଏଚ୍.ଡି ଲାଭ



ଅବିକେଶ ପ୍ରସାଦ କୁମାର ମହାପାତ୍ର ଓପିଜେଏସ ବିଶ୍ୱ ବିଦ୍ୟାଳୟର ଫାର୍ମାସିଶିକ୍ଷା ଓ ଗବେଷଣା ବିଭାଗ ପ୍ରଫେସର ନିରଜ ଗୁପ୍ତାଙ୍କ ତତ୍ତ୍ୱାବଧାନରେ ଗବେଷଣା କରି ଓପିଜେଏସବିଶ୍ୱ ବିଦ୍ୟାଳୟ ଚୁରୁ, ରାଜସ୍ଥାନରୁ ପି. ଏଚ. ଡି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।ତାହାଙ୍କ ଦ୍ୱାରା ପ୍ରସ୍ତୁତ ସନ୍ଦର୍ଭ "FORMULATION AND DEVELOPMENT OF TASTE MASKEDSUBLINGUAL TABLET DOSAGE FORM OF AN ANTIPSYCHOTIC DRUG USING ANOVAL NATURAL DISINTEGRATE." ଭଗତ ଫୁଲ ସିଂ ମହିଳା ବିଶ୍ୱ ବିଦ୍ୟାଳୟ ହରିୟାନାରପ୍ରଧାପକ ଡଃ ଗୁଲସନ କୁମାରଙ୍କ ଦ୍ୱାରା ଉଚ୍ଚ ପ୍ରଶଂଶିତ ହୋଇଅଛି । ସେ ଓଡିଶାର ଗଞ୍ଜାମ ଜିଲ୍ଲାକୋଦଳା ସ୍ଥିତ ସ୍ୱତନ୍ତ୍ର ବି.ଏଡ.କଲେଜ ଅଧକ୍ଷ ପ୍ରଫେସର ଡଃ ବିଭୂତି ଭୂଷଣ ମହାପାତ୍ର ଓ ପ୍ରୋକ୍ଟକଲେଜର ପ୍ରାଧାପିକା ଡଃ ଅନିତା ନନ୍ଦଙ୍କ ଦ୍ୱିତୀୟ ସନ୍ତାନ । ବ୍ରହ୍ମପୁର ସ୍ୱର୍ଣ୍ଣମୟୀ ନଗର ସ୍ଥିତ ଶ୍ରୀ ପ୍ରସନ୍ନ କୁମାର ପାଢୀଙ୍କ ଜ୍ୟେଷ୍ଠ ଜାମାତା ।

### କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅବ୍ୟବସ୍ଥା

# ଛାତ୍ରୀଙ୍କୁ ମିଳୁନି କ୍ଷୀର ଓ ମିଠା

**ତୁରେକେଲା, ୪।୧(ସମିସ)**

ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ କୁଇଁବାହାଲ ପଞ୍ଚାୟତସ୍ଥ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ନିବାସରେ ରହୁଥିବା ଅନ୍ତେବାସୀମାନଙ୍କୁ ଖାଦ୍ୟ ଦେବା ନେଇ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହି ସେବାଶ୍ରମରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ରହୁଛନ୍ତି। ସରକାରୀ ନିୟମ ଅନୁଯାୟୀ ଛାତ୍ରୀନିବାସରେ ରହୁଥିବା ଅନ୍ତେବାସୀଙ୍କୁ ପ୍ରତ୍ୟହ କ୍ଷୀର ସହ ପୁଷ୍ଟିକର ଖାଦ୍ୟ ଦେବା କଥା। ପ୍ରତି ଗୁରୁବାର ମିଠା ଦେବାକୁ ନିୟମ ରହିଛି। ହେଲେ ସେମାନଙ୍କୁ ମିଠା କି କ୍ଷୀର ନ ଦେଇ ସେବାବଦରେ ମିଥ୍ୟା ବିଲ କରାଯାଉଥିବା ଅନ୍ତେବାସୀମାନେ ଅଭିଯୋଗ କରିଛନ୍ତି। ଛାତ୍ରୀନିବାସ ପରିଚାଳନା ଦାୟିତ୍ୱରେ ଜଣେ ୱାର୍ଡେନ୍, ଜଣେ ଶିକ୍ଷୟିତ୍ରୀ ଓ ଏକାଉଣ୍ଟାଣ୍ଟଙ୍କ ସହ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ଅନ୍ତେବାସୀଙ୍କୁ କ୍ଷୀର ନ ଦେବା ସମ୍ପର୍କରେ ୱାର୍ଡେନ୍ ପ୍ରେମାଙ୍ଗିନୀ ବାଗଙ୍କୁ ପଚାରିବାରେ ସେ କହିଥିଲେ ଯେ ପୂର୍ବରୁ କ୍ଷୀର ଦିଆଯାଉଥିଲା। କେବଳ ମାସେ ହେଲା କ୍ଷୀର ଦେବା ବନ୍ଦ ଅଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ଏକାଉଣ୍ଟାଣ୍ଟ କୁଆଡ଼େ କ୍ଷୀର ଓ ମିଠା ବାବଦରେ ମିଥ୍ୟା ବିଲ କରୁଥିବା ଅଭିଯୋଗ ହୋଇଛି। ଗତ ବୁଧବାର ପରିଚାଳନା କମିଟିର ଏକ ବୈଠକ ବିଦ୍ୟାଳୟ ପରିସରରେ ବସିଥିଲା। କାର୍ଯ୍ୟରତ ଏକାଉଣ୍ଟାଣ୍ଟ କୁଆଡ଼େ ମୋତେ ସରକାର ୧୦ରୁ ୪ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ କହିନାହାଁନ୍ତି ବୋଲି କମିଟି ସଦସ୍ୟଙ୍କ ସମ୍ମୁଖରେ କହିଥିବା ଜଣାପଡ଼ିଛି। ଛାତ୍ରୀ ନିବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଚନ୍ଦ୍ରମତୀ ଦେଇ କହିଛନ୍ତି ଯେ ଛାତ୍ରୀମାନେ କ୍ଷୀର ନ ପିଇ ସେମାନେ ଫୋପାଡ଼ି ଦେଉଥିଲେ। ତେଣୁ ଗତ ମାସରୁ କ୍ଷୀର ବନ୍ଦ କରାଯାଇଥିବା ସେ କହିଛନ୍ତି। କ୍ଷୀର ନ ଦେଇ ବିଲ୍ କିପରି ହେଉଛି ବୋଲି ପଚାରିବାରେ ସେ ଏହାକୁ ଏଡାଇ ଦେଇଥିଲେ। ଅଷ୍ଟମ ଶ୍ରେଣୀର କିଛି ଛାତ୍ରୀଙ୍କୁ ପଚାରିବାରୁ ସେମାନେ ଆସିବା ଦିନଠାରୁ କ୍ଷୀର ପାଇନାହାନ୍ତି ବୋଲି କହିଛନ୍ତି। କୁଆଡ଼େ ୩ ବର୍ଷ ହେଲା ପିଲାଙ୍କୁ କ୍ଷୀର ମିଳି ନ ଥିବା ବେଳେ ଦାୟିତ୍ୱରେ ଥିବା ୱାଡ଼େନ ଓ ଶିକ୍ଷୟତ୍ରୀ ମାସେ ହେଲା କ୍ଷୀର ବନ୍ଦ ଥିବା କହିବା ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ତୁରେକେଲା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଚିନୁ ବିଶିଙ୍କୁ ପଚାରିବାରେ ସେ କହିଥିଲେ ଯେ ଏପରି ଅଭିଯୋଗ ମୋ ନଜରକୁ ଆସିନାହିଁ। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।




## କ୍ଷିତୀଶଙ୍କ ବ୍ୟାଙ୍କିଙ୍ଗ ଫାଇନାନ୍ସରେ ଡକ୍ଟରେଟ ଲାଭ



ଅସ୍ତରଙ୍ଗ ବ୍ଲକ ଘଣ୍ଟିକଣ ଗ୍ରାମ ର ନଟକିଶର ମହାନ୍ତି ଏବଂଗଂଜିତା ପ୍ରଭା ମହାନ୍ତିଙ୍କର ସୁପୁତ୍ର ଶ୍ରୀମାନ କ୍ଷିତିଶ କୁମାର ମହାନ୍ତି ବି ଟେକ, ଏମ ଟେକ, ଏମ ବି ଏ ସହିତ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ରୁ ବ୍ୟାକିଙ୍ଗ ଫାଇନାନ୍ସ ରେ ଡକଟରେଟ ଲାଭ କରିଛନ୍ତି।

■ ବିଜେଡିର ମିଶ୍ରଣ ପର୍ବ

# ଦୁଇ ପ୍ରମୁଖ ଦଳର ଦେଢ଼ ହଜାର କର୍ମୀ ସାମିଲ



**ଜୁନାଗଡ଼,୪।୧(ସମିସ):** ଜୁନାଗଡ଼ ବ୍ଲକ୍ କାଲୋପଲାରେ ବିଜୁଜନତା ଦଳର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ହାବସପୁର ଜିଲ୍ଲା ପରିଷଦ ଜୋନ୍ ଅନ୍ତର୍ଗତ ସାତଗୋଟି ଗ୍ରାମପଞ୍ଚାୟତ କାଲୋପଲା, ଚାରବାହାଲ୍, ମହିଚଲା, ଗୌଡଛେଣ୍ଡିଆ, ହାବସପୁର, ମାଲିଗୁଡ଼ା, ଏସ୍ କୁଣ୍ଡାମାଲ୍ ର ୧୫୦୦ରୁ ଅଧିକ ବିଜେପି ଓ କଂଗ୍ରେସ କାର୍ଯ୍ୟକର୍ତ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିଧାୟକ ଜୁନାଗଡ଼ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସଶକ୍ତ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ସାମିଲ୍ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ହଜାର ହଜାର ମହିଳା ଓ ପୁରୁଷ ପ୍ରବଳ ଉତ୍ସାହର ସହ ସାମିଲ ହୋଇଥିଲେ। ମିଶ୍ରଣ ପର୍ବ ସହ ନୂତନ ବର୍ଷ ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ବିଜୁ ଜନତା ଦଳର ବରିଷ୍ଠ ନେତୃବର୍ଗ ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଜିଲ୍ଲା ପରିଷଦ ଉପାଧକ୍ଷ୍ୟ ସୁଧିରା ମେହେର, ବ୍ଲକ ଅଧକ୍ଷା ସବିତା ମେହେର, ଉପାଧକ୍ଷ ପ୍ରମୋଦ ବେହେରା, ବଦ୍ରୀ ପ୍ରସାଦ,ମହେଶ ସାହୁ ,ବରିଷ୍ଠ ସଦସ୍ୟ ଦିନେଶ ବଗର୍ତ୍ତିଓ ହଜାର ହଜାର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ନୂତନ ବର୍ଷ ଉପଲକ୍ଷେ କଳାହାଣ୍ଡିର ପ୍ରସିଦ୍ଧ ଓ ଲୋକପ୍ରିୟକଳାକାର ସର୍ବେଶ୍ୱର ଭୋଇଙ୍କ ମେଲୋଡି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

କଳାହାଣ୍ଡି ବନ୍ଦ ଡକରା କାହା ସ୍ୱାର୍ଥରେ

# ଚାଷୀକୁ ଅସୁବିଧାରେ ପକାଇ ଆଜି ଚାଷୀ ପାଇଁ କାନ୍ଦୁଛି ବିଜେପି

ଭବାନୀପାଟଣା, ୪।୧ (ସମିସ)

କୃଷି ହେଉଛି କଳାହାଣ୍ଡି ଅର୍ଥ ବ୍ୟବସ୍ଥାର ମୁଖ୍ୟ ଆୟୁଧ। ଜିଲ୍ଲାରେ ଧାନ ସହିତ କପାଚାଷ ଓଡ଼ିଶାରେ ରେକର୍ଡ ସୃଷ୍ଟିକରି ଚାଲିଛି। ରାଜ୍ୟର ପ୍ରଗତି ପାଇଁ ଚାଷୀବର୍ଗର ଉନ୍ନତି ହେବା କଥାକୁ ଜରୁରୀ ମନେକରି ସରକାର ବହୁବିଧ ଚାଷୀକୁଳର ସ୍ୱାର୍ଥ ଜଡିତ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି। ବିଜେପି ଦଳ ଚାଷୀଙ୍କ ଦୁଃଖରେ ଭାଙ୍ଗିପଡିବା ଭଳି ନିଜକୁ ପ୍ରଦର୍ଶନ କରି କଳାହାଣ୍ଡି ବନ୍ଦ ଡକରା ଦେଇଥିଲା। ତେବେ ବିଜେପିର ଏହି ମିଛ କାନ୍ଦଣା ସମୟରେ ଆଜି ମଣ୍ଡିକୁ ଧାନ ନେବା ଓ ମଣ୍ଡିରୁ ଧାନ ଆଣିବା କ୍ଷେତ୍ରରେ ଚାଷୀ ଘୋର ହଟହଟାର ଶିକାର ହୋଇଛି। ବାସ୍ତବରେ ତାହା ଚାଷୀପାଇଁ ନିରାଶାର କାରଣ ସାଜିଛି। ଯେଉଁ ଚାଷୀମାନେ ଟୋକନ ପାଇ ମଣ୍ଡିକୁ ଧାନ ଆଣିଥିଲେ ସେମାନଙ୍କ ଧାନ ବନ୍ଦ ଡକରା ପ୍ରଭାବରୁ ମଣ୍ଡିରୁ ଉଠି ପାରିନାହିଁ। ଚକ ଅଖ ବନ୍ଦ ଦ୍ୱାରା ଟ୍ରକରେ ଧାନ ଉଠାଇବା କି ମଣ୍ଡିକୁ ଧାନ ଆଣିବା କାର୍ଯ୍ୟ ଠପ ହୋଇଯାଇଥିଲା। ଚାଷୀ ଦୀର୍ଘଦିନର ପରିଶ୍ରମ ପରେ ବି ଧାନ ବିକ୍ରି ସୁବିଧା ପାଇ ନଥିଲା। ଚାଷୀ ମଣ୍ଡିରେ ଏହି ଧାନକୁ ଜଗିବାପାଇଁ ନିଶ୍ଚିତ ବୋଲି ଜାଣି ବିଜେପିର ଏହି ବନ୍ଦ ଡକରାକୁ ସହଜରେ ଗ୍ରହଣ କରିପାରି ନଥିଲେ। ଚାଷୀ ମଣ୍ଡି ଉପରେ ଭରସା କରି ଦୀର୍ଘ ଅପେକ୍ଷାଟିଏ କରିବାକୁ ପଡୁଥିବାରୁ ରାଜ୍ୟ ସରକାର ଚଳିତ ଖରିଫ ଋତୁରେ ବହୁ ପୂର୍ବରୁ ଧାନ ଉଠାଇବାର ବ୍ୟବସ୍ଥା ହାତକୁ ନେଇଛନ୍ତି। ଚଳିତ ବର୍ଷ ଗତ ନଭେମ୍ବର ୨୫ ତାରିଖରୁ ମଣ୍ଡି ଆରମ୍ଭ ହୋଇ ମାର୍ଚ୍ଚ ମାସ ସୁଦ୍ଧା ଧାନ କ୍ରୟ କାର୍ଯ୍ୟ ଶେଷ କରିବାକୁ ସ୍ଥିର ହୋଇଥିଲା। ଏବେ କିନ୍ତୁ ଜାନୁଆରୀ ମାସ ଶେଷ ବେଳକୁ ଧାନ କ୍ରୟ ସମାପ୍ତ କରିବାକୁ ଏକ





ପ୍ରକାର ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ୪୯ଲକ୍ଷ ୬୪ହଜାର କ୍ୱିଣ୍ଟାଲ ଧାନ କ୍ରୟ କରିବା ପାଇଁ ୮୩ ଜଣ ମିଲର୍ସ ଙ୍କୁ ଟେଗ କରାଯାଇଥିବା ଯୋଗାଣ ବିଭାଗ ଜିଲ୍ଲା ଅଧିକାରୀ ପ୍ରକାଶ କରିଛନ୍ତି। କଳାହାଣ୍ଡି ଜିଲ୍ଲାରେ ଖୋଲା ଯାଇଥିବା ୨୧୯ଟି ମଣ୍ଡିରେ ଧାନ ବିକ୍ରିପାଇଁ ୫୬୨୮୭ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ଏଯାବତ ୩୦୪୭ ଚାଷୀ ମଣ୍ଡିରେ ଧାନ ବିକ୍ରି ଲାଗି ପ୍ରତ୍ୟେକ୍ଷ ପହଁଛି ନିଜ ନିଜ ଧାନ ବିକ୍ରି କରିଥିବା ଜଣାପଡ଼ିଛି। ତେବେ ଆଜି ବିଜେପି ପକ୍ଷରୁ ବନ୍ଦ ଡକରା ଓ ରାସ୍ତା ଅବରୋଧ କାରଣରୁ ଚାଷୀକୁ ହିନସ୍ଥା ହେବା ସାର ହୋଇଛି। ଥରେ ଟୋକନ ଲେପ୍ସ ହୋଇଗଲେ କେତେ ଦିନ ପରେ ପୁଣି ଧାନ ଉଠାଇ ପାରିବ ତାହାର କିଛି ସମୟ ଅବଧି ଜାଣିବା ମୁସ୍କିଲ। ଚାଷୀ ଦୁର୍ଦ୍ଦଶା ଭୋଗୁଥିବା ଓ ଦୁର୍ନୀତିର କଥା କହି ବନ୍ଦ ଡକରା କିଏ କେଉଁମତେ ବୁଝୁଛନ୍ତି ତାହା ଭିନ୍ନ କଥା। ମଣ୍ଡି ଚାଲୁଥିବା ସମୟରେ କେତେଥର ବିଜେପିର ବରିଷ୍ଠ ନେତାମାନେ ଗସ୍ତ କରିଛନ୍ତି ଏବଂ ମଣ୍ଡିରେ ଚାଷୀ ସମସ୍ୟା ସମ୍ପର୍କରେ ଜାଣି ଚାଷୀମନର ବ୍ୟଥାକୁ ବୁଝିଛନ୍ତି ତାହାମଧ ଆଲୋଚନା ପରିସରରେ ରହିଛି। ଆଜି କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହର ସମେତ ୧୩ଟି ବ୍ଲକ ଓ ତିନୋଟି ଏନ୍ଏସି ରେ ଚାଷୀ ସମସ୍ୟା ଓ ଦୁର୍ନୀତିକୁ ମୁଦ୍ଦା କରି ବିଜେପି ଦଳ ପକ୍ଷରୁ ବନ୍ଦ ଡକରା ଦିଆଯାଇଥିଲା।

ଏହାଫଳରେ ଭବାନୀପାଟଣା ସହରରେ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ସ୍କୁଲ ଇତ୍ୟାଦି ବନ୍ଦ ହୋଇଥିବା ବେଳେ ଯାନବାହନ ଚଳାଚଳ ମଧ ବନ୍ଦ ହୋଇଥିଲା। ବହୁ ସ୍ଥାନରେ ସାଧାରଣ ଯାତ୍ରୀ ନିଜ ଗନ୍ତବ୍ୟସ୍ଥଳକୁ ଯିବାକୁ ହଇରାଣ ହେଉଥିଲା ବେଳେ ମାଲ୍ ପରିବହନ ବାଧାପ୍ରାପ୍ତ ହୋଇଥିଲା। ଗୁରୁତ୍ୱପୂର୍ଣ୍ଣ ଛକ ଓ ରାସ୍ତା ଉପରେ ଟ୍ରକ୍, ବସ୍ ଆଦି ଯାନବାହନ ଅଟକି ରହି ସମସ୍ୟା ସୃଷ୍ଟି କରିଥିଲା। କାଁ ଭାଁ ପରିସ୍ଥିତିକୁ ଛାଡ଼ି ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିଲା ବେଳେ ଏହି ବନ୍ଦ ଦ୍ୱାରା ସାଧାରଣ ଜନତା ଅସୁବିଧା ଭୋଗିଥିଲେ। ଜୀବନଯାତ୍ରା ସ୍ୱାଭାବିକ ନଥିବାରୁ କିଛିକାଂଶରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ବିଜେପି ସଭାପତି ଆର୍ତ୍ତତ୍ରାଣ ମହାପାତ୍ରଙ୍କ ନେତୃତ୍ୱରେ ଏହି ବନ୍ଦ ଡକରାରେ ବିଜେପିର ବହୁ ତୁଙ୍ଗନେତା ଓ ବିଜେପିର କର୍ମୀ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦ ପାଳନରେ ସାମିଲ ହୋଇଥିଲେ।

# କୁମାରୀ ଗାଁର ପ୍ରସିଦ୍ଧ ବାଙ୍କଦେବୀଙ୍କ ଯାତ୍ରା

**ଚାରିଛକ, ୪।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ କୁମାରୀ ଗ୍ରାମରେ ରାଜରାଜୁଡା ସମୟରୁ ପୂଜା ପାଉଥିବା ମା' ବାଙ୍କଦେବୀଙ୍କର ପ୍ରସିଦ୍ଧ ଯାତ୍ରା ଆରମ୍ଭ ହୋଇଛି। କିମ୍ବଦନ୍ତୀ କହେ, ୧୮ ଶହ ଶତାବ୍ଦୀରେ ବାଙ୍କବାବା ବୋଲି ଜଣେ ସାଧୁ ଘଂଚ ଜଙ୍ଗଲ ମଧ୍ୟରେ ଧ୍ୟାନରେ ଥିଲେ। ଏହି ସମୟରେ ତାଙ୍କର ଝୁଲା ମଧ୍ୟରେ ଗୋଟିଏ ମଣି ସଦୃଶ ଘଟ ରଖିଥାନ୍ତି। ସେହି ମଣି ସଦୃଶ ଘଟର ଉଜ୍ୱଳରେ ଜଙ୍ଗଲର କିଛି ଅଂଶ ଆଲୋକିତ ହୋଇଥାଏ। ସେହି ସମୟରେ ଅତଲସରା ଗ୍ରାମର କହ୍ନେଇ ଦେହୁରୀ ନାମକ ବ୍ୟକ୍ତି ମଇଁଷି ଚରାଉଥିବା ବେଳେ ତାଙ୍କର ସନ୍ଧାନ କରି ଗ୍ରାମରେ ଖବର ଦିଅନ୍ତି। ପରେ ବୌଦ୍ଧ ରାଜା ସିପାହୀ ଦଳ ବ୍ୟାଘ୍ର ଶିକାରରେ ଆସିଥିବା ବେଳେ ଅତଲସରା ଗ୍ରାମର



ଲୋକଙ୍କଠାରୁ ବାଙ୍କବାବାଙ୍କଠାରେ ଏପରି ଅଲୌକିକ ମଣି ଥିବାର ସୂଚନା ପାଇଥାନ୍ତି। ବାବାଙ୍କଠାରୁ ମଣି ହରଣ କରିବାର ବିଫଳ ହେବା ପରେ ବାବାଙ୍କୁ ରାଜାଙ୍କ ସିପାହୀ ହତ୍ୟା କରି ମଣି ଉଦ୍ଧାର କରିବାକୁ ଚେଷ୍ଟା କରନ୍ତି। ମାତ୍ର ମଣି ଶୂନ୍ୟରେ ଉଭେଇ ଯାଇଥାଏ। ବାବାଙ୍କ ମୃତଦେହ ଏବେର ପୀଠସ୍ଥଳୀରେ ସିପାହୀ ପୋତି ଦିଅନ୍ତି। ପରେ ଗ୍ରାମର ଗଉଁତିଆ କହ୍ନେଇ ଦେହୁରୀଙ୍କୁ ସ୍ୱପ୍ନାଦେଶ ହୁଏ ଯେ ସେ ମଣି ହେଉଛି ଏକ ଦେବୀ। ଏଣୁ ବାଙ୍କ ବାବାଙ୍କର ଝୁଲାରେ ଥିବାରୁ ବାଙ୍କ ଦେବୀ ହିସାବରେ ପ୍ରତି ତିନି ବର୍ଷରେ ଥରେ ବାଙ୍କଦେବୀ ଯାତ୍ରା ଅନୁଷ୍ଠିତ ହୋଇଥାଏ। ୧୯୨୦ରୁ ଏହି ଯାତ୍ରା ନିରବଛିନ୍ନ ଭାବେ ହେଉଥିବା ଯାତ୍ରା କମିଟିର ସଭାପତି ବୁଦ୍ଧିମାନ ରଣା, ସମ୍ପାଦକ ଦୁଃଶାସନ ବେହେରା, ନିର୍ମଳ ରଣାଙ୍କ ପକ୍ଷରୁ ସୂଚନା ମିଳିଛି।

# ଠେଙ୍ଗୋ ହରିହର ଯୋର୍‌ରେ ଆରମ୍ଭହେଲା ଇକୋ ଟୁରିଜିମ୍

**ସୁବଲୟା,୪।୧(ସମିସ):** ବୀରମହାରାଜପୁର ବ୍ଲକ ଦୁରଜତେଲା ପଞ୍ଚାୟତ ଅନ୍ତର୍ଗତ ହରିହରଯୋର (ଠେଙ୍ଗୋ ଡ୍ୟାମ)ରେ ନିର୍ମିତ ଇକୋ-ଟୁରିଜିମ





ପ୍ରକଳ୍ପ ଗୁରୁବାର ଉଦଘାଟିତ ହୋଇଯାଇଛି। ଏଥିରେ ଭବାନୀପାଟଣା ସର୍କଲର ଆରସିସିଏଫ ଅଶ୍ୱିନୀ କର ମୁଖ୍ୟଅତିଥି ଓ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ଏସିଏଫ ଗିରିଧାରୀ ନାଗ ଓ ଅବିନାଶ ବରିହା, ବନାଞ୍ଚଳ ଅଧିକାରୀ ସଞ୍ଜୀବ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୀରମହାରାଜପୁର ଥାନାଧିକାରୀ ରାଜେଶ୍ୱରୀ ଭୋଇ, ଯାଲୋଏ ବନପାଳ ପ୍ରଦୀପ ଜେନା, ବନରକ୍ଷୀ ରଘୁମଣି ଭୋଇ, ପ୍ରକୃତିବନ୍ଧୁ ସତ୍ୟଜିତ ଗଡ୍ତୁଆ ଏବଂ ବନ ବିଭାଗର କର୍ମଚାରୀଙ୍କ ସମେତ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ସୁବର୍ଣ୍ଣପୁର ବନଖଣ୍ଡରେ ଏହା ଏକମାତ୍ର ଇକୋ-ଟୁରିଜିମ ପ୍ରକଳ୍ପ ବୋଲି ଜଣାଯାଇଛି। ଏଠାରେ ପର୍ଯ୍ୟଟକଙ୍କ ପାଇଁ ଡ୍ୟାମ ମଧ୍ୟରେ ନୌକା ବିହାର କରି ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ବୋଟିଙ୍ଗ ସୁବିଧା ସହ ବିଶ୍ରାମଗାର, ପିକନିକ ସ୍ପଟ, ଶୌଚାଳୟ, ଯାନବାହାନ ପାର୍କିଂ ଆଦିର ବ୍ୟବସ୍ଥା କରାଯାଇଛି। ବୋଟ ଦୁଇଟିକୁ ଚଳାଇବା ପାଇଁ ଦୁଇ ଜଣ ତାଲିମପ୍ରାପ୍ତ ଚାଳକ ଆସିଥିବା

**ନୌ-ବିହାରର ମଜା ନେଉଛନ୍ତି ପର୍ଯ୍ୟଟକ**

ସୂଚନା ମିଳିଛି। ଉଦଘାଟନୀ ସମାରୋହରେ ଅତିଥି ଓ ଅନେକ ଅଞ୍ଚଳବାସୀ ଉପସ୍ଥିତ ରହି ନୌକା ବିହାରର ମଜା ଉପଭୋଗ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରଥମ ଇକୋ-ଟୁରିଜିମ ପ୍ରକଳ୍ପର ଶୁଭାରମ୍ଭ ହେବା ପରେ ଅଞ୍ଚଳବାସୀଙ୍କ ମନରେ ଉଲ୍ଲାସ ପ୍ରକାଶ ପାଇଛି।

# କଲମପୁର ଇନ୍ଦିରା ଗାନ୍ଧୀ ଷ୍ଟେଚୁ ଆଗରେ ଖାଲ

**କଲମପୁର, ୪।୧(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ସଦମହକୁମା ଇନ୍ଦିରାଗାନ୍ଧୀ ଷ୍ଟେଚୁ ସମ୍ମୁଖରେ ଏଆର୍‌ଟେଲ କମ୍ପାନୀ ପକ୍ଷରୁ ଗଭୀର ଗର୍ତ୍ତ ଖୋଳି ଖୋଲା ଛାଡ଼ି ଦିଆଯାଇଛି। ଏଥିରେ କୌଣସି ସୁରକ୍ଷା ବାଡ ମଧ ଦିଆଯାଇ ନାହିଁ। ଯଦ୍ୱାରା ଜନସାଧାରଣ ଯାତାୟାତରେ ଅସୁବିଧାରେ ସମ୍ମୁଖୀନ ହେଉଥିବା ଅଭିଯୋଗ ହେଇଛି। ଏହି କାର୍ଯ୍ୟ କିଏ କରୁଛି ତୁରନ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ଦାବି ହେଉଛି।



# ଜୟ ବୁଢ଼ାଦେଓ କ୍ରିକେଟ ପ୍ରତିଯୋଗିତା: ଦିଆନମୁଣ୍ଡା ଚାମ୍ପିଅନ

**କୋମନା, ୪।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟସ୍ଥିତ ଗାତିବେଡା ଖେଳପଡ଼ିଆରେ ଜୟ ବୁଢାଦେଓ



କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲରେ ଲୋର୍ଗା ଦଳକୁ ହରାଇ ଦିଆନମୁଣ୍ଡା ଚାମ୍ପିଅନ ହେବାର ଗୌରବ ଲାଭ କରିଛି। ଗୁରବାର ଅପରାହ୍ନରେ ଦିଆନମୁଣ୍ଡା ଓ ଲୋର୍ଗା ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଦିଆନମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ବିନିମୟରେ ୧୪୭ କରିଥିଲା। ଜବାବରେ ଲୋର୍ଗା ଦଳ ୬ ଉଇକେଟ ହରାଇ ମାତ୍ର ୧୦୨ କରିବାରେ ସକ୍ଷମ ହୋଇଥିଲା। ବିଧାୟକ ପ୍ରତିନିଧି ଜୟ ଢୋଲକିଆ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଶିଆଳଲଟି ସରପଞ୍ଚ କାଳିଆ ପ୍ରଧାନ, ଜିଲ୍ଲା ପରିଷଦ ଜୋନ୍-୧ ସଭ୍ୟ ମୁରଲୀ ଭୋଇ, ସଂଦେଶ ଭାଇ ଢୋଲକିଆ, ରାମଲାଲ ହଂସ, ପର୍ଶୁରାମ ମାଝୀ, ସୁନାବେଡା ସରପଞ୍ଚ ରଜନୀ ଜଗତ, ସହଶିକ୍ଷକ ପରମେଶ୍ୱର ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କୈବଲ୍ୟ ମାଝୀ, ବିକ୍ରମ ଧରୁଆ, ହଳଧର ଧରୁଆ, ନାରାୟଣ ଜଗତ, ପୁନିତରାମ ମାଝୀ, ରାଜୁ ମାଝୀ, ପର୍ଶୁରାମ ବାଗ, ଭରତ ଧରୁଆ ସହଯୋଗ କରିଥିଲେ।

# ଜନ୍ମଦିନରେ ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିର

**ସୁବଲୟା,୪।୧ (ସମିସ):** ବୀରମହାରାଜପୁର ବ୍ଲକ କେଞ୍ଜିରିଆପାଲି ପଞ୍ଚାୟତ ଅନ୍ତର୍ଗତ କଦଳୀପାଲି ରେ ପବିତ୍ର କମ୍ପଙ୍କ ଝିଅ ସୃଷ୍ଟିସ୍ୱରୂପା କମ୍ପଙ୍କ ଜନ୍ମଦିନରେ ଏକ ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉପାନ୍ତ ଗ୍ରାମରେ ଝିଅ ଜନ୍ମ ପର ଘରକୁ କରିବା ବେଳେ ନିଜ ଗ୍ରାମ ତଥା ନିଜ ଅଞ୍ଚଳର କେତେକ ବୃଦ୍ଧା ଓ ବୁଢ଼ୀଙ୍କ ଆଖିର ଚିକିତ୍ସା ସକାଶେ ସେ ପ୍ରଚେଷ୍ଟା କରିଛନ୍ତି। କାର୍ଯ୍ୟକ୍ରମରେ ଶ୍ରୀ କମ୍ପ, ଯାଦବ ପଧାନ, ଆଲୋକ ପଧାନ, ଜିତେନ୍ଦ୍ର ସାହୁ, ନିରଞ୍ଜନ ପଧାନ, ମନୋଜ ପଧାନ, ଦେବଶ୍ରୀ ବାଘ, ଅରୁଣ କୁମାର, ଦନ୍ତା ଇବୁଖାଁ, ସୁମନ୍ତ ବିଶ୍ୱାଳ, ବିଷ୍ଣୁଜି ବିଶ୍ୱାଳ, ମଣ୍ଟୁ ସାହୁ, ସିପୁନ ପଧାନ, ଗୌରୀଶଙ୍କର ପୂଜାହାରୀ, ଗୌତମ ପଧାନ, ଭକ୍ତରାମ ଆଡଜୁଆଳି, ରଞ୍ଜନ ଭୁକ୍ତା, ନରେନ୍ଦ୍ର କମ୍ପ, ଶୁଭପ୍ରସାଦ ବିଶ୍ୱାଳ, ଚୈତନ୍ୟ ପଧାନ, ବିଶ୍ୱମ୍ବର ପଧାନ ସହ ୨୧ ଜଣ ରକ୍ତଦାନ କରିଥିଲେ। ସେହିପରି ମହାନଦୀ ନେତ୍ର ଚିକିତ୍ସାଳୟ ସହାୟତାରେ ୭୦ ଜଣ ରୋଗୀ ନିଜ ନାମ ପଞ୍ଜୀକରଣ କରିଥିବା ବେଳେ ଆଖି ପରୀକ୍ଷା କରି ୧୩ ଜଣ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ନିକଟସ୍ଥ ମହାନଦୀ ନେତ୍ର ଚିକିତ୍ସାଳୟକୁ ପଠାଯାଇଛି। ଜିଲ୍ଲା ରକ୍ତଦାତା ସେବା ସଂଘ ସଭାପତି ମନୋଜ ପଣ୍ଡା, ଅଞ୍ଜନ, ଯାଦବ ପଧାନ, ଅମ୍ବରୀଶପଣ୍ଡା ସନ୍ଧ୍ୟାରାଣୀ ସାହୁ କବିତା



ପଧାନ ଉମାକାନ୍ତ ଭକ୍ତରାମ ଚୈତନ୍ୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହାୟତା କରୁଥିଲେ। ଜିଲ୍ଲା ରକ୍ତ କେନ୍ଦ୍ର ତରଫରୁ ଡାକ୍ତର ଅମିତ୍ ମୁଦୁଲି ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଟେକ୍ନିଶିଏନ ଟିଟୁ ଭୋଇ, ଜଗତ ଦାରୁଅନ, ମୁନା ନାଏକ, ମହାନଦୀ ନେତ୍ର ଚିକିତ୍ସାଳୟର ଧର୍ମରାଜ ନାଏକ, ପୂଜାରାନୀ ମିଶ୍ର, ଦିବ୍ୟଜ୍ୟୋତି ମିଶ୍ର ପ୍ରମୁଖ ଚକ୍ଷୁ ପରୀକ୍ଷା ଶିବିର ପରିଚାଳନା କରିଥିଲେ।

ବୌଦ୍ଧ ମହୋତ୍ସବ-ପଲ୍ଲିଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀ

# ସାଂସ୍କୃତିକ ମଞ୍ଚକୁ ଦୁଲୁକାଇଲେ ଛାତ୍ରଛାତ୍ରୀ ଓ କଳାକାର ଦଳ

ବୌଦ୍ଧ, ୪।୧(ସମିସ)

ବୌଦ୍ଧ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ, ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ଓରମାସ୍ ଓ ବୟନିକାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀର ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଜିଲ୍ଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ ଯୋଗ ଦେଇଥିଲେ। ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ, ଜିଲ୍ଲା ପରିଷଦ ଉପାଧକ୍ଷ ଶଙ୍କର୍ଷଣ ପ୍ରଧାନ, ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, କୁଇ ସଙ୍ଗୀତ କଣ୍ଠଶିଳ୍ପୀ ଜଳନ୍ଧର ବେହେରା ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ବୌଦ୍ଧ ତହସିଲଦାର ଅନୀତା ସାହୁ କରିଥିବା ବେଳେ




ପ୍ରା ସି ଏସ ହାଡିବନ୍ଧୁ ମହାକୁଡ଼ ମଞ୍ଚ ପରିଚାଳନା କରିଥିଲେ। ପ୍ରାଣୀସମ୍ପଳ ବିକାଶ ପ୍ରଶିକ୍ଷଣ ଅଧିକାରୀ ଡ. ସଂଘମିତ୍ରା ପ୍ରାମାଣିକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ପର୍ଯ୍ୟାୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ବୌଦ୍ଧ ବ୍ଲକ ବଡ ଖଲିଗାଁ ପଞ୍ଚାୟତର ମାଁ ପଟ୍ଟେଇ ଦୁର୍ଗାପାଲା ସଂସଦ, ବାବା ଜଳେଶ୍ୱର ଦଣ୍ଡ ଅନୁଷ୍ଠାନ ମୁର୍ଷୁଣ୍ଡି, ମହାକୁଡପାଲି ଜାଗୃତି ବିଜୟ ପାଲା ସଂସଦ ପାଲା ପରିବେଷଣ କରିଥିଲେ। ବୌଦ୍ଧସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନନ୍ୟା କଳାଦର୍ପଣ ଭୁବନେଶ୍ୱର ଓଡିଶୀ, କନ୍ଧମାଳ ଫ୍ରେଣ୍ଡସ କ୍ଲବ ଅନୁଷ୍ଠାନର ସମ୍ବଲପୁରୀ, ରୁଦ୍ରଭୈରବୀ କ୍ଲବ ବୌଦ୍ଧର ଫ୍ୟୁଜନ ଡ୍ୟାନ୍ସ, ବରଗଡ କଳାଜୀବୀ ଅନୁଷ୍ଠାନର ସମ୍ବଲପୁରୀ, ପୁରୀ ମାଲଖମ୍ବା, ବୀରନରସିଂପୁର ବୌଦ୍ଧର ବାବା ଗୁପ୍ତେଶ୍ୱର କଳାପରିଷଦ ତରଫରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଆଜି ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବୌଦ୍ଧ ଜିଲ୍ଲା ତଥା ଆଖପାଖ ଅଞ୍ଚଳ ଓ ପଡୋଶୀ ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ଭିଡ ଜମିଥିଲା।





# କାଉଡୋଲା ୟୁଥ ବଏଜ ନକ୍‌ଆଉଟ କ୍ରିକେଟ: ଲଡୁଗାଁ ଦଳ ଚାମ୍ପିଅନ



**ଲଡୁଗାଁ,୪।୧ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଉଡୋଲା ଗ୍ରାମର ଖେଳ ପଡ଼ିଆରେ ୟୁଥ ବଏଜ ନକଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି। ଚଳିତ ବର୍ଷ ୧୬ ଟିମକୁ ସାମିଲ କରାଯାଇଥିଲା। ଆଜିର ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ନେତା ଘନଶ୍ୟାମ ଅଗ୍ରୱାଲ, ମୁଖ୍ୟ ବକ୍ତା ବୈଚନ୍ଦ୍ର ବେଶ୍ରା, ସାମ୍ବାଦିକ ଚକ୍ରଧର ବେଶ୍ରା, ରଜନୀକାନ୍ତ ସରାବୁ, ପ୍ରକାଶ ଠାକୁର, ମିତ୍ରଭାନୁ ଭଞ୍ଜ ଉପସ୍ଥିତ ଥିଲେ। ବଡ଼ପୂଝାରୀ ଗୁଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭୮ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲା ବେଳେ ଜବାବରେ ଲଡୁଗାଁ ଦଳ ୩ ୱିକେଟ ହରାଇ ବିଜୟ ଲାଭ କରିଥିଲେ। ବସନ୍ତ ସରାବୁ ଓ ତ୍ରିଲୋକ୍ୟ ବେଶ୍ରା ଖେଳ ପରିଚାଳନା କରିଥିବା ବେଳେ ଧାରା ବିବରଣୀ ତୋଫାନ ନାଏକ ଓ ଓମପ୍ରକାଶ ପ୍ରଦାନ କରିଥିଲେ। ବିଜୟୀ ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ଉପସ୍ଥିତ ଅତିଥିବୃନ୍ଦ ପ୍ରଦାନ କରିଥିଲେ। କାଉଡୋଲା ୟୁଥ ବଏଜ ଅନୁଷ୍ଠାନର ସଦସ୍ୟ ମଣ୍ଟୁ କୋଚିଆ, ପିଣ୍ଟୁ କୋଚିଆ, ବିଶାଳ ସରାବୁ, ମନୋରଞ୍ଜନ ସରାବୁ, ଆଦିତ୍ୟ ସରାବୁ, ବିଜୟ ସରାବୁ, ଶୁକ୍ରୁ ନାଗ, ପପୁ ମାଝୀ, ସୁନୀଲ ଦାସ, ରାହୁଲ ସହଯୋଗ କରିଥିଲେ। ଫାଇନାଲ ଖେଳ ଦେଖିବାକୁ ୨ ହଜାର ଦର୍ଶକ ପଡ଼ିଆରେ ଉପସ୍ଥିତ ଥିଲେ।

# ଗଣମାଧ୍ୟମର ଅଗ୍ରାଧିକାର ରହିଛି: ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ



**ବୌଦ୍ଧ, ୪।୧(ସମିସ):** ବୌଦ୍ଧ ଜିଲ୍ଲା ପାଇଁ ନବନିଯୁକ୍ତ ବିଜେଡି ପର୍ଯ୍ୟବେକ୍ଷକ ଅମରେଶ ଜେନା ସର୍କିଟ ହାଉସରେ ସାମ୍ବାଦିକଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

ଶ୍ରୀ ଜେନା ବୌଦ୍ଧ ଜିଲ୍ଲାରେ ବିଜେଡିର ସ୍ଥିତି, ଫାଇଭ-ଟି ଅଧ୍ୟକ୍ଷଙ୍କ ବୌଦ୍ଧ ଗସ୍ତର ପ୍ରଭାବ ଓ ଜିଲ୍ଲାର ବିକାଶ ସମ୍ପର୍କରେ ସାମ୍ବାଦିକଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ମିଡିଆକୁ ନିଶ୍ଚିତ ସୂଚନା ଦିଆଯିବ ବୋଲି କହିଥିଲେ। ଏହି ସାକ୍ଷାତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସୁବୋଧ ପ୍ରଧାନ, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ, ବରିଷ୍ଠ ବିଜେଡି ନେତା ପ୍ରଭାତ ପ୍ରଧାନ ଉପସ୍ଥିତ ଥିଲେ।

# ବ୍ୟବସ୍ଥିତ ହେବ ଟ୍ରାଫିକ୍ ନିୟନ୍ତ୍ରଣ

## ଜନସାଧାରଣଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା

**ସୋନପୁର, ୪।୧ (ସମିସ)**



ବ୍ଲକ୍ ଛକ ଦୁର୍ଘଟଣାରେ ବାପ-ପୁଅଙ୍କ ମୃତ୍ୟୁ ଘଟଣାକୁ ଅତି ଗୁରୁତ୍ୱର ସହ ନେଇଛି ଜିଲ୍ଲା ପ୍ରଶାସନ। ସହରରେ ଦୁର୍ଘଟଣା ରୋକିବାକୁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। କଣ କଲେ ଟ୍ରାଫିକ ନିୟନ୍ତ୍ରଣ ସୁଚାରୁରୂପେ ସମ୍ପାଦନ ହୋଇ ପାରିବ ସେନେଇ ଜିଲ୍ଲାପାଳ ବିମଳେନ୍ଦୁ ରାୟ ଜନସାଧାରଣଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ସହରର ବୁଦ୍ଧିଜୀବୀ ଏବଂ ପ୍ରଶାସନର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ ଭାବେ ଜିଲ୍ଲା ଗଠନ ପରେ ସୋନପୁର ସହରର ଜନସଂଖ୍ୟା ଆଶାତିତ ବୃଦ୍ଧିକୁ ଦୃଷ୍ଟିରେ ରଖି ସହରରେ ଥିବା ବିଭିନ୍ନ ସମ୍ବେଦନଶୀଳ ତଥା ଗହଳି ପୂର୍ଣ୍ଣ ଛକ ଓ ବଜାରରେ ବ୍ୟବସ୍ଥିତ ଟ୍ରାଫିକ ନିୟନ୍ତ୍ରଣର ବନ୍ଦୋବସ୍ତ ସହ ଜନସାଧାରଣଙ୍କ ଚଳପ୍ରଚଳକୁ ସୁଗମ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସହରର ବ୍ଲକ ଛକ ଓ ବୁଢାରଜା ଛକରେ ଟ୍ରାଫିକ ବ୍ୟବସ୍ଥା ସୁନିୟନ୍ତ୍ରଣ ସହ ଗୋଲେଇ ଛକ ନିର୍ମାଣ ଉପରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ଗହଳିପୂର୍ଣ୍ଣ ସ୍ଥାନ ଯଥା ପଟାଭାଡ଼ି ଛକ, ଆମ୍ବେଦକର ଛକ, ନଳିନୀ ଛକ, କୁଞ୍ଜ ଛକ ଆଦିରେ ମଧ ଅନୁରୂପ ପଦକ୍ଷେପ ପାଇଁ ଗୁରୁତ୍ୱାରୋପ କରାଯାଇଛି। ସହରର ମୁଖ୍ୟରାସ୍ତା କଡରେ ନିର୍ମାଣାଧୀନ ପାଦ ଚଲା ରାସ୍ତାର କାର୍ଯ୍ୟକୁ ଅତିଶୀଘ୍ର ସମାପନ କରିବାକୁ ଜିଲ୍ଲାପାଳ ବୈଠକରେ ଉପସ୍ଥିତ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ଏନଏଚ ଯନ୍ତ୍ରୀ, ପିଡବ୍ଲୁଡି ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରର ମୁଖ୍ୟରାସ୍ତା କଡ ତଥା ବଜାର ଅଞ୍ଚଳରେ ଯାନବାହନ ପାର୍କିଂ ନିମନ୍ତେ ଆବଶ୍ୟକ ସ୍ଥାନ ନିରୂପଣ ଏବଂ ଚିହ୍ନଟ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାର ଯାଇଥିବା ଏନଏଚ ରାସ୍ତା ଓ ପିଡବ୍ଲୁଡି ରାସ୍ତା ଗୁଡିକୁ ସଂଯୋଗ କରୁଥିବା ସ୍ଥାନରେ ହମ୍ପ ଏବଂ ସ୍ପିଡ଼ ବ୍ରେକର ଲଗାଇବାକୁ କୁହାଯାଇଛି। ରାସ୍ତା ଗୁଡିକରେ ଥିବା ସମ୍ବେଦନଶୀଳ ସ୍ଥାନ ଗୁଡିକରେ ରାସ୍ତା ସାଇନେଜ ଓ ରେଡିଅମ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଟ୍ରାଫିକ ଆଇନର କଡାକଡି ଅନୁପାଳନ ସହ ଅମାନିଆଙ୍କୁ ଜରିମାନା କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ବିଶେଷ ଭାବେ ନାବାଳକଙ୍କୁ ଗାଡିଚାଳନା ପାଇଁ ପ୍ରୋତ୍ସାହିତ ନ କରିବାକୁ ଜିଲ୍ଲାପାଳ ସମସ୍ତ ଅଭିବାବକଙ୍କୁ ଅନୁରୋଧ କରିଛନ୍ତି। ସହର ଭିତରକୁ ସକାଳ ୭ ଘଣ୍ଟାରୁ ୧୧ ଘଣ୍ଟା ଓ ଅପରାହ୍ନ ୪ ଘଣ୍ଟାରୁ ସନ୍ଧ୍ୟା ୭ ଘଣ୍ଟା ପର୍ଯ୍ୟନ୍ତ ଭାରି ଯାନ ଚଳାଚଳ ଉପରେ ବାରଣ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ କୁହାଯାଇଛି।

ବୈଠକରେ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ପୂର୍ବତନ ପୌରାଧ୍ୟକ୍ଷ ପ୍ରକାଶଚନ୍ଦ୍ର ସାହୁ, ଜନସାଧାରଣ, ପିଡବ୍ଲୁଡି ଅଧୀକ୍ଷଣ ଯନ୍ତ୍ରୀ ଦାମୋଦର କୈବର୍ତ୍ତ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ଏମଭିଆଇ, ଏନଏଚ ଯନ୍ତ୍ରୀ ପ୍ରମୁଖ ଆଲୋଚନା କରିଥିଲେ।

# ତରଭା ବ୍ଲକ କର୍ମଚାରୀଙ୍କ ମାତୃ ବିୟୋଗ

**ତରଭା, ୪।୧(ସମିସ):** ତରଭା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ବିକ୍ରମ ବିଶିଙ୍କ ମା' ସରୋଜିନି ବିଶି(୬୮)



ଙ୍କ ବୁଧବାର ବୁର୍ଲାର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇ ଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଗଜେନ୍ଦ୍ର ବିଶି, ପୁଅ ବିଘ୍ନରାଜ, ବିକ୍ରମ, ଅକ୍ଷୟ, ସ୍ୱାଗତ, ଝିଅ ତୁଳା, ବନିତା, କବିତା, ସାଗରିକାଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କର ମରଶରୀରକୁ ବଦଭଇଁରୋ(ମାଲିପାଲି) ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ବିଘ୍ନରାଜ ମୁଖାଗ୍ନି ଦେଇଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣ ମହିଳା ଥିଲେ। ତାଙ୍କ ବିୟୋଗ ଅଞ୍ଚଳରେ ଶୋକ ଖେଳାଇ ଦେଇଛି।

# ବ୍ଲକ୍‌ସ୍ତରୀୟ 'ନୂଆ-ଓ' ଯୁବ କ୍ରୀଡ଼ା ପ୍ରତିଯୋଗିତା

**ବିନିକା,୪।୧(ସମିସ):** କ୍ରୀଡା ପ୍ରତିଭା ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ସରକାରଙ୍କ ସମ୍ମନିତ ଯୁବ ବିକାଶ ଯୋଜନା ତରଫରୁ ସ୍ଥାନୀୟ ସିଦ୍ଧାର୍ଥ କଲେଜ ଖେଳ ପଡିଆରେ ବ୍ଲକସ୍ତରୀୟ(ଜୋନ) କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ନୂଆଁ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡା ପ୍ରତିଯୋଗିତାକୁ ବିନିକା ବ୍ଲକ ପ୍ରଶାସନ ଏବଂ ବିନିକା ସ୍ପୋର୍ଟସ କ୍ଲବ ଆୟୋଜନ କରିଥିଲା। ଏଥିରେ ମୋଟ ୧୫ଟି କ୍ରିକେଟ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ରହିଲା ବନାମ ବିନିକା ସ୍ପୋର୍ଟସ କ୍ଲବ ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମେ ବ୍ୟାଟିଂ



କରି ରହିଲା ୮ଓଭରରେ ସମସ୍ତ ୱିକେଟ ହରାଇ ୬୯ରନ କରିଥିଲା ତାର ଜବାବରେ ବିନିକା ସ୍ପୋର୍ଟସ କ୍ଲବର ଖେଳାଳିମାନେ ୭ଓଭରରେ ୩ୱିକେଟ ହରାଇ ଚାମ୍ପିଅନ ହୋଇଥିଲେ। ପ୍ରତିଯୋଗିତାର ଖେଳ ଗୁଡ଼ିକ ଅମ୍ପାୟାର ସବ୍ୟସାଚୀ ମିଶ୍ର, ବିନୋଦ ପାତ୍ର, ରଞ୍ଜିତ ପଣ୍ଡା, ବୈରାଗୀ ପ୍ରଧାନ, ପ୍ରତାପ ସାହୁ, ପିଣ୍ଟୁ ଦୀପ, କିରଣ ରାଉତ, ସଂଗ୍ରାମ କେଶରୀ ନାଏକ ପ୍ରମୁଖ ଦାୟିତ୍ୱ ତୁଲାଇଥିବା ବେଳେ ଧାରାବିବରଣୀ ପ୍ରଦାନ କରିଥିଲେ ଭବାନୀ ଶଙ୍କର ଜଗଦଳା, ଶଶାଙ୍କ ଦାସ, ମାନସ ମିଶ୍ର । ବିଡ଼ିଓ ପ୍ରମୋଦ ମେହେର, ନୋଡାଲ ଅଧିକାରୀ ତଥା କନିଷ୍ଠ ଯନ୍ତ୍ରୀ ବିବେକାନନ୍ଦ ପାତ୍ର, ଖେଳ ଶିକ୍ଷକ ନାରାୟଣ ଚୌଧୁରୀ, ତହସିଲ ଭୋଇ, ବିନିକା ସ୍ପୋର୍ଟସ କ୍ଲବ ଉପସଭାପତି ବୁଲୁ ଦଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଉଦଯାପନୀ ଉତ୍ସବରେ ବିନିକା ନଗର ବିଜୁ ଜନତା ଦଳ ସଭାପତି ସୋମନାଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

# ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଶିକ୍ଷକ ସଂଘର ଦାବିପତ୍ର



**ବୌଦ୍ଧ, ୪।୧(ସମିସ):** ଗୁରୁବାର ବୌଦ୍ଧ ଜିଲ୍ଲା ଏନ୍ ପିଏସ ସରକାରୀ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ବୌଦ୍ଧ ସର୍କିଟ ହାଉସ୍ଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦିନିକିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିବା ଶ୍ରୀ ମାରାଣ୍ଡିଙ୍କୁ ସଂଘ ସଭାପତି ମାନସ ରଞ୍ଜନ ପୁରୋହିତଙ୍କ ନେତୃତ୍ୱରେ ପ୍ରତିନିଧିମଣ୍ଡଳୀ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସରକାରୀ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ୨୦୦୪ରୁ ୨୦୧୪ ବ୍ୟାଚରେ ନିଯୁକ୍ତ ହୋଇଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ୬ ବର୍ଷ ଚୁକ୍ତି ଭିତ୍ତିକ ସମୟକୁ ନିୟମିତ ଚାକିରିରେ ଯୋଗ କରିବା ସହ ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଂଘର କାର୍ଯ୍ୟକର୍ତ୍ତା ନବ କିଶୋର ଦୀପ, ସତ୍ୟନାରାୟଣ ସ୍ୱାଇଁ, ମନଜିତ୍ ମୋହନ ଚାନ୍ଦ, ମମତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ପିଣ୍ଡାପଦରରେ ପୁଣି ଜଙ୍ଗଲୀ ଦନ୍ତାହାତୀର ଉତ୍ପାତ

**ଶଗଡା, ୪।୧(ସମିସ):** କନ୍ଧମାଳ ରେଞ୍ଜ ଲମ୍ବସରୀ ଗ୍ରାମପଞ୍ଚାୟତର ପିଣ୍ଡାପଦର ଗ୍ରାମରେ ଗତ ରାତିରେ ଏକ



ଜଂଗଲୀ ଦନ୍ତା ହାତୀ ଉପଦ୍ରବ କରିଥିବା ଅଭିଯୋଗ ହୋଇଛି। ସାରା ରାତି ଗୋଟିଏ ଦନ୍ତାହାତୀ ଉତ୍ପାତ କରିଥିବା ସୂଚନା ମିଳିଛି। ବୁଧବାର ରାତି ପ୍ରାୟ ୧ ଘଣ୍ଟା ସମୟରେ ଗୋଟିଏ ଦନ୍ତାହାତୀ ପିଣ୍ଡା ପଦର ଗ୍ରାମ ମଧ୍ୟକୁ ପଶି ଆସିଥିଲା। ହାତୀ ଆସିବା ଜାଣିବା ପରେ ଗ୍ରାମବାସୀ ହାତୀକୁ ଘୌଡାଇବା ପାଇଁ ଚେଷ୍ଟା କରିଥିଲେ। ହାତୀ ସକାଳ ୫ ଘଣ୍ଟା ପର୍ଯ୍ୟନ୍ତ ଗ୍ରାମରେ ଇତଃସ୍ତତଃ ହୋଇ ତାଣ୍ଡବ ରଚିଥିଲା। କିଛି ଲୋକଙ୍କ ଘର ଭାଙ୍ଗିବା ସହ ଚାଷୀଙ୍କ ବଗିଚାରେ ପଶି କଦଳୀ ଗଛ,ନଡିଆ ଗଛ, ଆମ୍ବ ବଗିଚା ଓ ଖଳାରେ ଥିବା ଧାନ ଖରୀ ସବୁ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ପିଣ୍ଡାପଦର ଗ୍ରାମର ବୀର ନାଏକ, କବି ନାଏକ, ଶଙ୍କର ବାଘ, ସୂର୍ଯ୍ୟ ଥନାପତି, ଆନନ୍ଦ କହଁର ଓ ସୁପ୍ରେଶ୍ୱର ପ୍ରଧାନ ପ୍ରମୁଖଙ୍କ ହାତୀ ବ୍ୟାପକ କ୍ଷୟକ୍ଷତି କରିଥିବା ସୂଚନା ମିଳିଛି।

# ସୁବର୍ଣ୍ଣପୁର ଫେରିଘାଟରେ ଯାତ୍ରୀ ବିଶ୍ରାମାଗାର ଦାବି

**ଜହ୍ନାପଙ୍କ, ୪।୧(ସମିସ)**

ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ସୁବଳୟା-ସୁବର୍ଣ୍ଣପୁର ଫେରିଘାଟରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି। ଏହି ଫେରିଘାଟ ଦେଇ ବୀରମହାରାଜପୁର, ସୁବଳୟା, କଦଳୀଗଡ଼, ରେଢ଼ାଖୋଲ, ପାତାଳି ଶ୍ରୀକ୍ଷେତ୍ର ଏବଂ ସମ୍ବଲପୁରକୁ ୫ଟି ପଞ୍ଚାୟତର ପ୍ରାୟ ୪୦ଟି ଗ୍ରାମର ଜନସାଧାରଣ ଯାତାୟାତ କରିଥାନ୍ତି। ଗୋଟିଏ ପଟୁ ଅନ୍ୟ ପଟକୁ ଯିବାକୁ ହେଲେ ଡଙ୍ଗା ଫେରିବା ପର୍ଯ୍ୟନ୍ତ ପ୍ରତୀକ୍ଷା କରିବାକୁ ପଡ଼େ। ଖରା, ବର୍ଷା, ଶୀତ କାକରରେ ସବୁଦିନେ ଖୋଲା ଆକାଶ ତଳେ ଶିଶୁ, ମହିଳା, ବୃଦ୍ଧ, ବୃଦ୍ଧା ମାନଙ୍କୁ ଅପେକ୍ଷା କରିବାକୁ ପଡ଼େ। ପ୍ରତ୍ୟେକ ବର୍ଷ ଫେରିଘାଟ ନିଲାମ ଡ଼ାକି ପଞ୍ଚାୟତ ହଜାର ହଜାର ଟଙ୍କା ରାଜସ୍ୱ ଆଦାୟ କରୁଥିବା ବେଳେ ଯାତ୍ରୀଙ୍କ ସୁବିଧା କରା ଯାଉ ନଥିବା ଅଭିଯୋଗ ହେଉଛି। ୧୦ ବର୍ଷ ପୂର୍ବେ ରାମପୁର ଘାଟରେ ଡଙ୍ଗା ପଡୁଥିବାରୁ ସେଠାରେ ଏକ ଯାତ୍ରୀ ବିଶ୍ରମାଗାର ନିର୍ମାଣ କରାଯାଇଥିଲା। ନଦୀର ଗତିପଥ ବଦଳାଇବାରୁ ଏହି ଫେରିଘାଟ ସୁବର୍ଣ୍ଣପୁର ଘାଟରେ ଚାଲିଲା। ଏହି ଘାଟକୁ ଯିବାକୁ ହେଲେ ଜହ୍ନାପଙ୍କ ଛକରୁ ଲକ୍ଷ୍ମୀପ୍ରସାଦ, ବାଘପାଲି, ଚନ୍ଦ୍ରପୁର, ରାମପୁର ଦେଇ ଫେରିଘାଟରେ ପହଞ୍ଚିବାକୁ ପଡ଼ିଥାଏ। ସେହିପରି ତେଲିବନ୍ଧ ଛକରୁ ଆନନ୍ଦପୁର, ରାମପୁର ଗ୍ରାମ ଦେଇ ଯିବାକୁ ପଡ଼ିଥାଏ। ଏହି ଗ୍ରାମଠାରୁ ରାମପୁର ପର୍ଯ୍ୟନ୍ତ ପିଚୁ ରାସ୍ତା ହୋଇଥିବା ବେଳେ ରାମପୁର ମାରୁତି ମଠ ପର୍ଯ୍ୟନ୍ତ ଅଧକିଲୋମିଟର ରାସ୍ତା ଉପରେ ପଞ୍ଚାୟତ ପ୍ରଶାସନ ମୋରମ ଗଣ୍ଡେ ପକାଇ ଦେଇ ତାଙ୍କ କାମ ସାରି ଦେଉଛନ୍ତି। ଯେଉଁ ରାସ୍ତାଗୁଡିକ ବାକି ରହିଛି ସେଇ ରାସ୍ତାରେ ଖାଲି ପାଦରେ ଯିବାକୁ ଭୟ ଲାଗେ। ରାସ୍ତାଟି ଏକ ହୁଡ଼ା ଦେଇ ଯାଉ ଥିବା ବେଳେ ଏହି ହୁଡ଼ାରେ ବାଇକ ଓ ସାଇକଲ ଆରୋହୀମାନେ ଯିବା ଆସିବା ସମୟରେ ଦୁର୍ଘଟଣାର ସମ୍ଭାବନା ରହିଛି। ଏହାସହ ଏହି ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡି ରହି ଥିବା ବେଳେ ଖାଲଖମା ସୃଷ୍ଟି ହୋଇ ଅନେକ ଦୁର୍ଘଟଣା ଘଟୁଛି। ରାସ୍ତା ନିର୍ମାଣ ହେବା ସହ ଫେରିଘାଟରେ ଯାତ୍ରୀ ବିଶ୍ରମଗାର ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ପୁରୁଣା କଟକରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା



**ହରଭଙ୍ଗା, ୪।୧(ସମିସ):** ହରଭଙ୍ଗା ବ୍ଲକ୍ ପୁରୁଣାକଟକ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଗୁରୁବାର ବ୍ଲକ୍ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ହରଭଙ୍ଗା ବ୍ଲକ୍ ଅଧକ୍ଷା ସ୍ନେହଲତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସରୋଜ ପ୍ରଧାନ, ବିଡିଓ ସୋପ୍ନିତା ନାୟକ, ପୁରୁଣାକଟକ ସରପଞ୍ଚ ଅଶୋକ ସେଠୀ, ସମିତିସଭ୍ୟ ସରୋଜ ପ୍ରଧାନଙ୍କ ସହିତ ହରଭଙ୍ଗା ଏବିଇଓ ଉପସ୍ଥିତ ଥିଲେ। ସମୁଦାୟ ୩୮ଟି ଦଳ ଭାଗ ନେଇଥିବା ସୂଚନା ମିଳିଛି। ୮ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ।

## 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା ଉଦ୍‌ଯାପିତ

# ଝୁମିଲେ, ଝୁମାଇଲେ ହଜାର ଛାତ୍ରଛାତ୍ରୀ





**ବୌଦ୍ଧ, ୪।୧(ସମିସ)**

ବୌଦ୍ଧ ଜିଲ୍ଲା ଷ୍ଟାଡିୟମ୍‌ଠାରେ 'ନୂଆ-ଓ' ଯୁବ ଓଡିଶା ନବୀନ ଓଡିଶା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବୌଦ୍ଧ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜଙ୍ଗଲ, ପରିବେଶ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ, କ୍ରୀଡା ଓ ଯୁବବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ତିନୋଟି ବ୍ଲକ ଓ ଏନଏସିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ଏକକ ନୃତ୍ୟ, ଗୋଷ୍ଠୀ ନୃତ୍ୟ, ସଙ୍ଗୀତ, ବକ୍ତୃତା, ହାସ୍ୟ ଅଭିନୟ, କୁଇଜ, ଚିତ୍ରାଙ୍କନ ଇତ୍ୟାଦି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସେହିପରି ଜିଲ୍ଲାରୁ ସନ୍ତରଣ, ପେଣ୍ଟାଥଲନ, ତୀରନ୍ଦାଜୀରେ ରାଜ୍ୟ ଏବଂ ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଥିବା ୫ ଜଣ ଯୁବ ପ୍ରତିଭାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିଷ୍ଠିତ ଅର୍କେଷ୍ଟ୍ରା, ଡ୍ୟାନ୍ସ ଗ୍ରୁପ, ସାଂସ୍କୃତିକ କାର୍ଯ୍ୟକ୍ରମ ଦଳ ଛାତ୍ରଛାତ୍ରୀଙ୍କୁ ଦିନତମାମ ମନୋରଞ୍ଜନର ଖୋରାକ ଯୋଗାଇଥିବା ବେଳେ ଛାତ୍ରଛାତ୍ରୀ ନାଚଗୀତରେ ମସଗୁଲ ହୋଇ କାର୍ଯ୍ୟକ୍ରମକୁ ବେଶ୍ ଉପଭୋଗ କରିଥିଲେ।

# ବସିବା ପାଇଁ ଉପର-ତଳ ହେଉଛନ୍ତି ବିଡିଓ

**ଚାରିଛକ, ୪।୧(ସମିସ):** ହରଭଙ୍ଗା ବିଡିଓଙ୍କ ଅଫିସ ଚ୍ୟାମ୍ବର କାର୍ଯ୍ୟ ଦୀର୍ଘ ୩ମାସହେଲା ସରିପାରୁନି। ଯାହାଫଳରେ ବିଡିଓ ବସିବା ପାଇଁ ଜାଗା ନପାଇ ଉପରତଳ ହେଉଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟ ଚାଲୁଯୋଗୁଁ ବି.ଡି.ଓ ବସିବା ପାଇଁ ହଇରାଣ ହେଉଛନ୍ତି। କିଛିଦିନହେଲା ତଳେଥିବା ଫାଇଭ-ଟି କକ୍ଷରେ ବସି କାମଧନ୍ଦା କରୁଥିବା ଦେଖିବାକୁ ମିଳିଥିଲା। ମାତ୍ର ସେଠାରେ କୌଣସି ଅସୁବିଧା ହେବାରୁ ପୁଣି ଉପରମହଲାରେ ଥିବା କନଫରେନସ ହଲରେ ବସି ଏବେ ସେ କାମଧନ୍ଦା କରୁଥିବା ଦେଖିବାକୁ ମିଳୁଛି। ନିର୍ମାଣ କାର୍ଯ୍ୟ ସରିପାରୁ ନଥିବାରୁ ବି.ଡି.ଓ କେତେବେଳେ ତଳେ ତ ଆଉ କେତେବେଳେ ଉପରେ ବସି ଉପରତଳ ହୋଇ ହଇରାଣ ଭୋଗୁଛନ୍ତି। ଅନ୍ୟପଟେ ବି.ଡି.ଓଙ୍କ ପାଖକୁ ଅଭିଯୋଗ ପାଇଁ ଆସୁଥିବା ସାଧାରଣଲୋକେ ତାଙ୍କୁ ନପାଇ ନିରାଶଥ ହୋଇ ଫେରୁଥିବା ଅଭିଯୋଗ ହେଉ। ତୁରନ୍ତ ଚ୍ୟାମ୍ବର ନିର୍ମାଣ କାର୍ଯ୍ୟ ସାରିବାକୁ ସାଧାରଣରେ ଦାବି ହେଉଛି।

# ମାନବ ସେବା ସଦନ ସଂଗଠନର ପ୍ରଥମ ପ୍ରତିଷ୍ଠା ଉତ୍ସବ



**କନ୍ଧମାଳ, ୪।୧(ସମିସ):** କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ସତସଙ୍ଗ ପଡିଆରେ ରୁଗୁଡ଼ିପାଲି ମାନବ ସେବା ସଦନ ସ୍ୱେଚ୍ଛାସେବୀ ସଂଗଠନର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂଗଠନ ସଭାପତି ବଳରାମ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମାଜସେବୀ ନୀଳାଞ୍ଚଳ ଭୋଇ ମୁଖ୍ୟଅତିଥି, ଶିକ୍ଷାବିତ ଦେବରାଜ ସାହୁ ମୁଖ୍ୟବକ୍ତା, ସମାଜସେବୀ ଓମପ୍ରକାଶ ମିଶ୍ର ଏବଂ ଶିକ୍ଷାବିତ କାର୍ତ୍ତିକେଶ୍ୱର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅନୁଷ୍ଠାନ ମାହେଶ୍ୱରୀ ସଂଗଠନ ବଲାଙ୍ଗିର, ରକ୍ତଦାତା ପରିବାର କର୍ତ୍ତଙ୍ଗ, ମାହେଶ୍ୱରୀ ସଂଗଠନ ବ୍ରାହ୍ମଣୀ ଏବଂ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ସମ୍ପାଦକ ବଂଶୀଧର ମାଝୀ ବାର୍ଷିକ ବିବରଣୀ ପଠନ କରିଥିଲେ। ମସିଣାଗୋରା ଶିଶୁ ମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଉପଦେଷ୍ଟା ସଞ୍ଜୀବ ବେହେରା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ସଦସ୍ୟ ସୁଶାନ୍ତ ବାରିକ ଧନ୍ୟବାଦ ଦେଇଥିଲେ। ପରେ ପ୍ରଗତି କଳା ପରିଷଦ କନ୍ଧମାଳ, ନୁଆଁପାଲି ହାଇସ୍କୁଲର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଧ୍ୟରାତ୍ରି ପର୍ଯ୍ୟନ୍ତ ଦର୍ଶକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ।

ଶ୍ରେଣୀ ଗୃହ ତିଆରିରେ ବିଳମ୍ବ

# ଧାରଣାରେ ବସିଲେ ପୁରାତନ ଛାତ୍ରଛାତ୍ରୀ






ତୁଷୁରା, ୪।୧(ସମିସ)

ଗୁଡଭେଲା ବ୍ଲକ ଅନ୍ତର୍ଗତ ଜାମୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ପୂର୍ଣ୍ଣାଙ୍ଗ ଦାବିରେ ପୁରାତନ ଛାତ୍ର ସଂଘ ପକ୍ଷରୁ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଉକ୍ତ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ମୋଟ ୧୮୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ହେଲେ ଆବଶ୍ୟକ ଅନୁସାରେ ଶ୍ରେଣୀ କୋଠରୀ ନ ଥିବାରୁ ଛାତ୍ରଛାତ୍ରୀମାନଙ୍କ ପାଠ ପଢ଼ାରେ ଘୋର ଅସୁବିଧା ଉପୁଜୁଛି। ୨୦୨୨-୨୩ ଆର୍ଥିକ ବର୍ଷରେ ରାମସା ମାଧ୍ୟମରେ ୯.୫ ଲକ୍ଷ ଟଙ୍କା ବ୍ୟୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାର୍ଚ୍ଚ ୨୦୨୩ରେ ଶ୍ରେଣୀ ଗୃହ ନିର୍ମାଣ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିଅଛି। କାର୍ଯ୍ୟ ସମ୍ପୂର୍ଣ୍ଣ ନିମନ୍ତେ ପୁରାତନ ଛାତ୍ର ସଂଘ ତରଫରୁ ବାରମ୍ବାର ବ୍ଲକ ପ୍ରଶାସନଙ୍କୁ ଲିଖିତ ଭାବେ ଜଣାଇବା ସତ୍ତ୍ୱେ ଶ୍ରେଣୀ ଗୃହ ସମ୍ପୂର୍ଣ୍ଣ ହୋଇନାହିଁ। ଡ଼ିସେମ୍ବର ଶେଷ ସୁଦ୍ଧା ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ପୁରାତନ ଛାତ୍ର ସଂଘ ବିଡ଼ିଓଙ୍କୁ ପତ୍ର ଲେଖିବା ସହ ଏଥିରେ ବ୍ୟତିକ୍ରମ ହେଲେ ଜାନୁଆରୀ ୩ ତାରିଖରେ ସ୍କୁଲ ଫାଟକରେ ତାଲା ପକାଇ ଧାରଣ ଦେବାକୁ ଚେତାବନୀ ଦେଇଥିଲେ। ବ୍ଲକ ପ୍ରଶାସନ କର୍ଣ୍ଣପାତ ନ କରିବାରୁ ବାଧ୍ୟ ହୋଇ ପୁରାତନ ଛାତ୍ର ସଂଘ ପକ୍ଷରୁ ଗତକାଲି ବିଦ୍ୟାଳୟ ମୁଖ୍ୟ ଗେଟକୁ ତାଲା ଦେଇ ଧାରଣା ଦେଇଥିଲେ। ଖବର ପାଇ ଗୁଡଭେଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ସାମର୍ଥ ଓ ସିଆରସିସି ସମୀର ପଧାନ ଆସି ବୁଝାସୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀ ଧାରଣରୁ ଓହରି ନ ଥିଲେ। ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଋଷିଆ ମେହେର ଓ ସହକାରୀ ଯନ୍ତ୍ରୀ ଅମିତ ମୁର୍ମୁ ଆସି ଅନ୍ୟ ଯନ୍ତ୍ରୀଙ୍କୁ କାମର ଦାୟିତ୍ୱ ଦେଇ ଆସନ୍ତାକାଲିଠୁ କାମ ଆରମ୍ଭ କରି ୨ ମାସ ମଧ୍ୟରେ କାମ ଶେଷ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ସାଢେ ୧୨ଟାରେ ଧାରଣାରୁ ଓହରିଥିଲେ। ଏହି ଧାରଣାସ୍ଥଳରେ ପୁରାତନ ଛାତ୍ର ସଂଘ ସଭାପତି ହେମନ୍ତ ମହାକୁର, ସମ୍ପାଦକ ମହେନ୍ଦ୍ର ନନ୍ଦ, ସଦସ୍ୟ ସମ୍ବିତ ଭୋଇ, ୱାରଫ ଖାଁ, କୁବେର ବେହେରା, ଅମିତ ଖାଁ, ଇରିସାତ ଖାଁ, ଆଶୀଷ ବେହେରା, ପିଣ୍ଟୁ ବେହେରା, ନଜିବୁଲ୍ଲା ଖାଁ, ଦୁର୍ଯ୍ୟୋଧନ ମୁଦୁଲି, ରିକେଶ ମୁଦୁଲି, ସିଦ୍ଧାନ୍ତ ଘିଭେଲା, ରିପୁନ ମହାକୁର, ନୂଆଖାଇ ରଣା, କୁନା ମାଝୀ, କାହ୍ନୁ ମାଝୀ, ଜତନ ରଣା, ଗୌତମ ବେହେରା, ଶୁଚିବନ୍ତ ମୁଦୁଲି ପ୍ରମୁଖ ସାମିଲ ହୋଇଥିଲେ।

ଗାଁ ଭିତରେ ଚାଲିଛି ବେଧଡ଼କ ମଦ ବିକ୍ରି

# ୨୦ ବର୍ଷ ହେଲା ମଦମୁକ୍ତ ଗାଁ ଏବେ ମଦଯୁକ୍ତ

**ଜହ୍ନାପଙ୍କ, ୪।୧(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଜଗତି ଗାଁ ବେଧଡ଼କ ଚାଲିଛି ଦେଶୀ ମଦ ବେପାର ତାହା ପୁଣି ଗାଁ ଭିତରେ। ହେଲେ ଗଣ୍ଡଗୋଳ ଭୟରେ କେହି ବାରଣ କରୁନାହାନ୍ତି, ଯାହାର କୁପ୍ରଭାବ ପଢ଼ାର ପରିବେଶ ଉପରେ ସିଧାସଳଖ ପଡୁଛି। ୨୦ ବର୍ଷ ପୂର୍ବରୁ ଗାଁରେ ଏକ ବୈଠକ ଡକାଯାଇ ଗାଁରେ ମଦ ବିକ୍ରିକୁ ସଂପୂର୍ଣ୍ଣ ଭାବେ ବନ୍ଦ କରାଯାଇଥିଲା। ଯେଉଁମାନେ ମଦ ବିକ୍ରି କରିବେ ସେମାନଙ୍କୁ ଏକ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ନିଷ୍ପତି ନିଆଯାଇଥିଲା। ଶାସକ ଦଳ ହାତ କରି ଏହି ମଦ ବେପାର କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବୌଦ୍ଧ ନିର୍ବାଚନମଣ୍ଡଳୀର ଏକ ନମ୍ବର ବୁଥ ହୋଇ ଥିବା ଏହି ଗାଁ ଶାସକ ଦଳ ୯୫ ପ୍ରତିଶତ ଭୋଟ ପାଇଥାଏ। ତେବେ ପୂର୍ବରୁ ଏହି ଗାଁ ରେ ଏକ ସବ କାଉଣ୍ଟର ଥିବା ବେଳେ ୨୦ ବର୍ଷ ହେଲା ଏହା ବନ୍ଦ ଥିଲା। ପ୍ରକାଶ ଯେ ମଦ ବିକ୍ରି ପାଇଁ ଜହ୍ନାପଙ୍କରେ ଦେଶୀ ମଦ ଭାଟି ରହିଛି। ହେଲେ କିଛି ଅସାଧୁ ବ୍ଯକ୍ତି ଏହାର ଖୁଲମଖୁଲା ଉଲ୍ଲଙ୍ଘନ କରୁଛନ୍ତି। ଏଭଳି ସମୟରେ ଅବକାରୀ ବିଭାଗ ବିଭାଗ ତରଫରୁ କୌଣସି ପଦକ୍ଷେପ ନ ନେବା ସମସ୍ତଙ୍କୁ ବିଚଳିତ କରୁଛି। ଲୋକଙ୍କ ସ୍ୱାର୍ଥ ପାଇଁ ପ୍ରତି ଅବକାରୀ ବିଭାଗ ଏମିତି ଅସାଧୁ ଲୋକଙ୍କ ଘରେ ଚଢ଼ଉ କଲେ ସମସ୍ୟା ଦୂର କରିହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# 'ପଏଁରୀ' ତିହାର୍ ଉଦ୍‌ଯାପିତ

**ସୋନପୁର, ୪।୧ (ସମିସ):** ସରିଲା ନୃତ୍ୟ ଗୀତର ମହୋତ୍ସବ ପଏଁରୀ ତିହାର-୨୪। ସୁବର୍ଣ୍ଣପୁରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ଦ୍ୱାରା ଆୟୋଜିତ ଜାତୀୟ ଲୋକନୃତ୍ୟ ଓ ସଙ୍ଗୀତ ମହୋତ୍ସବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁ ଓ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବିରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ଅବକାରୀ ଅଧିକ୍ଷକା ସୁମତି ତ୍ରିପାଠୀ ଯୋଗ ଦେଇଥିଲେ। ଗୁଜରାଟର ଝୁମେର ନାଚ, ପଏଁରୀର ଡାଲଖାଇ, ମୟୂରଭଞ୍ଜର ଛଉ, ଖୋର୍ଦ୍ଧାର ନୂପୁର ଧ୍ୱନି କଳାକାରଙ୍କ ନାଚ ଗୀତରେ ବିଳମ୍ବିତ ରାତି ଯାଏଁ ଝୁମିଲେ ଦର୍ଶକ। ପଏଁରୀ ସଭାପତି ଲଡୁ କିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ସମ୍ପାଦକ ଚୌଧୁରୀ ବିଭାର ସଂଯୋଜନା କରିଥିଲେ। ଉପସଭାପତି ପ୍ରଫୁଲ୍ଲ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସନ୍ତୋଷ ମିଶ୍ର, ସଞ୍ଜୟ ସାହୁ, ସୁଶାନ୍ତ ସାହୁ, ସୌମ୍ୟରଞ୍ଜନ ସେଠୀ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



# ବୁଣାକାର ଭରତ ମେହେର ସମ୍ବର୍ଦ୍ଧିତ

**ଶଗଡା, ୪।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲି ଗ୍ରାମର ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ଭରତ ମେହେରଙ୍କୁ ବରଗଡ଼ରେ ସମ୍ବର୍ଦ୍ଧିତ କରାଯାଇଛି। ଜାତୀୟ ହସ୍ତତନ୍ତ ସମ୍ମିଳନୀ ଉପଲକ୍ଷେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରଗଡ଼ ଜିଲ୍ଲା ପ୍ରଶାସନ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଓ ହସ୍ତତନ୍ତ ବିଭାଗ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ବାନ୍ଧକଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଭଳି ସମ୍ମାନ ତାଙ୍କୁ ଆଗାମୀ ଦିନରେ କାର୍ଯ୍ୟକ୍ଷେତ୍ରରେ ସହାୟକ ହେବା ସହ ଏହାର ଉନ୍ନତି ଦିଗରେ ପ୍ରେରଣା ଯୋଗାଇ ଦେବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଶିକ୍ଷକଙ୍କ ତାଲିମ ଶିବିର

**ବଙ୍ଗୋମୁଣ୍ଡା, ୪।୧(ସମିସ):** ଚମାର ମେହେର ବାଳକ ଉଚ୍ଚ ବିଦ୍ୟାଳୟଠାରେ ଶିକ୍ଷକଙ୍କ ବ୍ଲକସ୍ତରୀୟ ସ୍କୁଲ ଡାଟାବେସ୍ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରକୁ ବିଇଓ ବୈକୁଣ୍ଠନାଥ ଶବର ମୁଖ୍ୟଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଏବିଇଓ ଅରୁନ କୁମାର ଯୋଷୀ, ଚୈତନ୍ୟ ଧରୁଆ, ଏବିଇଓ ମଙ୍ଗରାଜ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପ୍ରଶିକ୍ଷଣ ଶିବିର ତିନି ଦିନ ଧରି ଚାଲିବ ବୋଲି ସୂଚନା ମିଳିଛି। ପ୍ରଶିକ୍ଷକ ନଳ ଭୋଇ, ସମ୍ରାଟ ସାହୁ, ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିଲେ।

■ ବୈଷୟିକ ଶିକ୍ଷା ବିକାଶରେ ଆଉ ପାଦେ

# ପାଟଣାଗଡ଼ରେ ଆରମ୍ଭହେଲା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ

**ବଲାଙ୍ଗିର, ୪।୧(ସମିସ):** କୁଶଳୀ ଯୁବପିଢ଼ୀ ନିର୍ମାଣ ସ୍କିଲ୍ଡ ଇନ୍ ଓଡ଼ିଶାର ମୂଳ ଲକ୍ଷ୍ୟ। ତେଣୁକରି ବୈଷୟିକ ଶିକ୍ଷାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରୁଛନ୍ତି ରାଜ୍ୟ ସରକାର। ଗ୍ରାମାଞ୍ଚଳର ପିଲାଙ୍କୁ ରୋଜଗାର ଭିତ୍ତିକ ଶିକ୍ଷାଦାନକୁ ଗୁରୁତ୍ୱ ପ୍ରଦାନ କରି ପାଟଣାଗଡ଼ରେ ଏକ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ସ୍ଥାପନ କରାଯାଇଛି। ବୁଧବାର ବଲାଙ୍ଗିର ଗସ୍ତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଟଣାଗଡ଼ସ୍ଥିତ ଯୋଗୀମୁଣ୍ଡା ଆଇଟିଆଇର ଶୁଭ ଉଦଘାଟନ କରିଛନ୍ତି। ଚଳିତବର୍ଷରୁ ପାଟଣାଗଡ଼ ସ୍ଥିତ ଯୋଗୀମୁଣ୍ଡାଠାରେ ଆରମ୍ଭ ହୋଇଛି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ। ଏଠାରେ ଫିଟର, ଇଲେକ୍ଟ୍ରିସିଆନ, ପ୍ଲମ୍ବର ଓ ଡ୍ରେସ ମେକିଙ୍ଗ ଭଳି ୪ଟି ଟ୍ରେଡ ରହିଛି। ବିଶେଷ କରି ଗ୍ରାମାଞ୍ଚଳର ଝିଅମାନଙ୍କୁ ରୋଜଗାରକ୍ଷମ କରିବା ଲକ୍ଷ୍ୟରେ ଡ୍ରେସ ମେକିଙ୍ଗ ଭଳି ଏକ ସ୍ୱତନ୍ତ୍ର ଟ୍ରେଡ ସ୍ଥାପନ କରାଯାଇଛି। ୪ ଟି ଟ୍ରେଡରେ ୧୪୮ ଜଣ ପ୍ରଶିକ୍ଷାର୍ଥୀ ବର୍ତ୍ତମାନ ତାଲିମ ଗ୍ରହଣ କରୁଥିବାବେଳେ ଡ୍ରେସ ମେକିଙ୍ଗ କୋର୍ସରେ ୪୦ ଜଣ ଝିଅ ରହିଛନ୍ତି। ଉଭୟ ପୁଅଝିଅଙ୍କ ପାଇଁ ହଷ୍ଟେଲର ବ୍ୟବସ୍ଥା ରହିଛି। ଅନୁଷ୍ଠାନର ପରିଚାଳନା ଦାୟିତ୍ୱ ଇଂ ମିଳନ କୁମାର ସାହୁଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରତି ଟ୍ରେଡରେ ଜଣେ ଲେଖାଏଁ ସହକାରୀ ଟ୍ରେନିଂ ଅଫିସର ବା ଏଟିଓ ରହିଛନ୍ତି। ଚଳିତ ଶିକ୍ଷାବର୍ଷରୁ ଏଠାରେ ପାଠପଢ଼ା ଆରମ୍ଭ ହୋଇଥିବା କହିଛନ୍ତି ଅଧ୍ୟକ୍ଷ ମିଳନ କୁମାର ସାହୁ। ଏଭଳି ଏକ ଶିକ୍ଷାନୁଷ୍ଠାନ ଆରମ୍ଭ ହେବା ଦ୍ୱାରା ଗ୍ରାମାଞ୍ଚଳର ଯୁବପିଢ଼ୀଙ୍କ ପାଇଁ ନୂଆ ରାସ୍ତା ଫିଟିବ। ବୈଷୟିକ ଶିକ୍ଷା ଗ୍ରହଣ ଦ୍ୱାରା ଯୁବପିଢ଼ୀ କୁଶଳୀ ହେବେ। ସେମାନଙ୍କ ପାଇଁ ରୋଜଗାରର ବାଟ ଫିଟିବ ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ। ସେଭଳି ଆଇଟିଆଇରେ ପିଲାଙ୍କ ସର୍ବାଙ୍ଗୀନ ଉନ୍ନତି ଯଥା ପାଠପଢ଼ା ସାଙ୍ଗକୁ ଖେଳକୁଦ ଓ ଡିବେଟ, ନାଚଗୀତ ଭଳି ଅର୍ନ୍ତର୍ନିହିତ ପ୍ରତିଭାର ସ୍ଫୁରଣ ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଛି। ରାଜ୍ୟସରକାରଙ୍କ ତରଫରୁ ଏଠାରେ ତାଲିମ ଗ୍ରହଣ କରୁଥିବା ପ୍ରଶିକ୍ଷାର୍ଥୀଙ୍କ ପାଇଁ ଷ୍ଟାଇପେଣ୍ଡର ବ୍ୟବସ୍ଥା ରହିଛି। ଯାହାଫଳରେ ପିଲାମାନେ ବୈଷୟିକ ଶିକ୍ଷା ଗ୍ରହଣ କରି ନିଜର ଭବିଷ୍ୟତ ଗଠନ କରିପାରିବ।



ଝିଅମାନଙ୍କ ପାଇଁ ସ୍ୱତନ୍ତ୍ର ଡ୍ରେସ୍ ପ୍ରସ୍ତୁତ ଟ୍ରେଡ୍

# ରାଧାମୋହନ ଉଚ୍ଚବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ସୁବଳୟା,୪।୧ (ସମିସ):** ବୀରାମହରାଜପୁର ବ୍ଲକ ଅନ୍ତର୍ଗତ ଢୁଲେଶ୍ୱର ରାଧାମୋହନ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବଳ ଖଣ୍ଡଗିରି ୬୦ ବର୍ଷ ବୟସରେ ଚାକିରି କାଳ ସମାପ୍ତ ହୋଇଛି। ସଭାରେ ନୂତନ ପ୍ରଧାନ ଶିକ୍ଷକ ବନମାଳୀ ଶାସିନୀ ସଭାପତିତ୍ୱ କରିଥିଲେ। ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତା ରୁଦ୍ର ନାରାୟଣ ସିଂ ସାମନ୍ତ ଖଣ୍ଡଗିରିଙ୍କର ଛାତ୍ର ବତ୍ସଳତା ଗୁଣର ଗାନ କରିଥିଲେ। ଶିକ୍ଷକ ଉଜ୍ଜ୍ୱଳମଣି ପାତ୍ର, ପ୍ରେମାନନ୍ଦ ସାମଲ ପରମେଶ୍ୱର ପଣ୍ଡା, ବାସୁଦେବ ପଧାନ, ଅମରେନ୍ଦ୍ର ଦେହୁରୀ ପ୍ରମୁଖ ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଦୀପ ପୁରୋହିତ ସଭା ପରିଚାଳନା କରିଥିଲେ। ପରିଚାଳନା କମିଟିର ମଧୁସୂଦନ ପଣ୍ଡା ସମେତ ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀ, ପୁରାତନ ଛାତ୍ରଛାତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସହ ଗ୍ରାମ ପରିକ୍ରମା କରି ବିଦାୟ ଦେଇଥିଲେ। ପୁରାତନ ଛାତ୍ର ଦୀନବନ୍ଧୁ ପଧାନ, ଧିରେନ ପଧାନ, କର୍ମଚାରୀ ହଳଧର, ଟୁନୁ, ସନ୍ୟାସୀ ସହଯୋଗ କରିଥିଲେ।

ସୁବର୍ଣ୍ଣ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି

# ୬ରୁ ୧୦ ତାରିଖ ଯାଏଁ ଜମିବ ଉତ୍ସବ

**ସୋନପୁର, ୪।୧ (ସମିସ):** ପାଞ୍ଚ ଦିନ ଧରି ସୁବର୍ଣ୍ଣପୁରରେ ଜମିବ ନୃତ୍ୟ, ଗୀତର ମହାକୁମ୍ଭ ସୁବର୍ଣ୍ଣ ଲୋକ ମହୋତ୍ସବ। ଆସନ୍ତା ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ରାମେଶ୍ୱର ଷ୍ଟାଡିୟମ୍ ଠାରେ ଆୟୋଜିତ ହେବ ସୁବର୍ଣ୍ଣ ଲୋକ ମହୋତ୍ସବ। ଏହାସହ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ, ପଲ୍ଲିଶ୍ରୀ ମେଳା, ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମଧ୍ୟ ସୁବର୍ଣ୍ଣ ଲୋକ ମହୋତ୍ସବରେ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ଜିଲ୍ଲାପାଳ ବିମଳେନ୍ଦୁ ରାୟ ଏକ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମର ସମସ୍ତ ରୂପରେଖ ସମ୍ବନ୍ଧରେ ଚୂଡାନ୍ତ ସୂଚନା ଦେଇଛନ୍ତି। ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ଆଇନ ଶୃଙ୍ଖଳା ନିୟନ୍ତ୍ରଣ ସହ ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ସମସ୍ତ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲେ। ରାଜ୍ୟ ତଥା ରାଜ୍ୟ ବାହାର କଳାକାରମାନେ ଏହି ମହୋତ୍ସବରେ ଯୋଗଦେବା ପାଇଁ ଥିବାରୁ ସମସ୍ତେ ଏଠାରୁ ଏକ ସୁନ୍ଦର ଅନୁଭୂତି ନେଇ ଯେପରି ପ୍ରତ୍ୟାବର୍ତ୍ତନ କରିବେ ସେଥିପାଇଁ ମହୋତ୍ସବ କମିଟି ପକ୍ଷରୁ ଯଥେଷ୍ଟ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଲିନା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଉପସ୍ଥିତ ଥିଲେ।



# ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ଉଦ୍‌ଘାଟିତ

**ବଲାଙ୍ଗିର, ୪।୧(ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଗୁରୁବାର ବଲାଙ୍ଗିର ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ରଥ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟଅତିଥି, ସମାଜସେବୀ ବିଷ୍ଣୁ ପ୍ରସାଦ କେଡିଆ, ଜିଲ୍ଲା ରେଡକ୍ରସ ସଂଯୋଜକ ଡକ୍ଟର ଦୈତାରୀ ପୂଜାରୀ, ଜିଲ୍ଲା ସମ୍ପାଦକ ଡକ୍ଟର ଅମୃତ ସିଂ ବରିହା ପ୍ରଭୃତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ରେଡକ୍ରସ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଯୁବ ରେଡକ୍ରସର ଉପଦେଷ୍ଟା ଡକ୍ଟର ଲିଙ୍ଗରାଜ ମେହେର ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ବାମଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଦୀର୍ଘ ତିନି ଦିନ ଧରି ହେବାକୁ ଥିବା ଏହି ଶିବିରରେ ବଲାଙ୍ଗିର ଜିଲ୍ଲାର ତିରିଶି ଗୋଟି ମହାବିଦ୍ୟାଳୟର ୧୫୦ ଜଣ ରେଡକ୍ରସ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଓ ଉପଦେଷ୍ଟା ଯୋଗ ଦେଇଛନ୍ତି। ଏହି ଶିବିରରେ ରେଡକ୍ରସ ଇତିହାସ, ଲକ୍ଷ, ଉଦ୍ଦେଶ୍ୟ, ଏଚ୍ଆଇଭି/ଏଡସ୍, ସଡକ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା, ସ୍ୱେଚ୍ଛାକୃତ ରକ୍ତଦାନ, ପ୍ରାଥମିକ ଚିକିତ୍ସା ସେବା ଆଦି ଆଠ ଗୋଟି ଶୀର୍ଷକରେ ଶିକ୍ଷା ଓ ତାଲିମ ଦିଆଯିବ।




ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ ଉଦଯାପିତ

# ଶ୍ରୀକୃଷ୍ଣ-ବଳରାମଙ୍କ ହାତରେ କଂସ ନିଧନ

ମୁରିବାହାଲ, ୪।୧(ସମିସ)

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମା ତଥା ମଥୁରା ନଗରୀରେ ଦୀର୍ଘ ସାତ ଦିନ ଧରି ଚାଲିଥିବା ପଞ୍ଚମ ବାର୍ଷିକ ବିରାଟ ଧନୁଯାତ୍ରା ମହୋତ୍ସବ ବୁଧବାର ରାତିରେ ଶ୍ରୀକୃଷ୍ଣ-ବଳରାମଙ୍କ ହାତରେ ମହାରାଜ କଂସଙ୍କ ନିଧନ ମଞ୍ଚସ୍ଥ ସହ ମହାସମାରୋହରେ ଧନୁଯାତ୍ରା ଉଦଯାପିତ ହୋଇଯାଇଛି। ମୁରିବାହାଲକୁ ମଥୁରା ନଗରୀ ଓ ପାଖ ବନବାହାଲ ଗ୍ରାମ ଗୋପପୁର ରୂପେ ବିବେଚିତ ହୋଇ ବିଭିନ୍ନ ଦିବସରେ ବିଭିନ୍ନ ନାଟ୍ୟାଭିନୟ ଓ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜକ ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ତଥା ସାମ୍ବାଦିକ ଶ୍ରୀବତ୍ସ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହାଜି ମହମ୍ମଦ ଆୟୁବ ଖାଁ ମୁଖ୍ୟଅତିଥି, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ରାଜ୍ୟସଭା ସାଂସଦ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ପତ୍ରାପାଲି(କ) ସମିତି ସଭ୍ୟ ସନ୍ୟାସୀ ପୁଟେଲ, ଚଣାବାହାଲ ସରପଞ୍ଚ ପ୍ରତିନିଧି ସରୋଜ କୁମାର ମେହେର, ସାମ୍ବାଦିକ ସଂଘ ସଭାପତି ଡ ସୁବ୍ରତ ମହାକୁର, ସ୍ୱାସ୍ଥ୍ୟକର୍ମୀ ଜେମାକାନ୍ତ ବାଗ, ଆୟୋଜକ କମିଟି କୋଷାଧ୍ୟକ୍ଷ ରମାରଞ୍ଜନ ପାତ୍ର ଓ ସାଧାରଣ ସମ୍ପାଦକ ତରୁଣ ପୋଢ଼ ପ୍ରମୁଖ ରାଜଅତିଥି ରୂପେ ଉପସ୍ଥିତ ଥିଲେ। ଲାଠୋରର ବିଶିଷ୍ଟ କଳାକାର ଆର୍ତ୍ତତ୍ରାଣ ସୁନାନୀ କଂସ, ବାସୁମତି ନନ୍ଦ ଦେବକୀ ଓ ସାଥୀ ବିଭିନ୍ନ ଭୂମିକାରେ ଅଭିନୟ କରୁଥିଲେ। ସମସ୍ତ କଳାକାର, କଣ୍ଠଶିଳ୍ପୀ ରାସ ବିହାରୀ ଘିବେଲା, ଯୋଗଧାନ ହଂସ, ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଗୋପପୁର ଓ ମଥୁରା ନଗରୀରେ ଦାୟିତ୍ୱରେ ଥିବା କର୍ତ୍ତା ଓ ତାଙ୍କ ଧର୍ମପତ୍ନୀ, ପୂଜକ, ସ୍ୱାଗତ ଦାୟିତ୍ୱରେ ଥିବା ଛାତ୍ରୀ, ଟେଣ୍ଟ, ସାଉଣ୍ଡ ସହ ମହୋତ୍ସବକୁ ସୂଚାରୁ ରୂପେ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିବିଶେଷ ଓ ଅନୁଷ୍ଠାଗୁଡ଼ିକୁ ସ୍ୱତନ୍ତ୍ର ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ମୁରିବାହାଲ ଧନୁଯାତ୍ରା ମହୋତ୍ସବ କମିଟିର ନାରାୟଣ ସାହୁ, ରାମକୃଷ୍ଣ ଆଡ଼ ଯୁଆଡ, ଅଭୟ ଦାସ, ବିଶ୍ୱବିହାରୀ ଯୋଶୀ, ସୁଦାମ ସାହୁ, ଉପସଭାପତି ଲକ୍ଷ୍ମୀକାନ୍ତ ଧରୁଆ, ଶ୍ୟାମସୁନ୍ଦର ଝାଙ୍କର, ଦିବ୍ୟସୁନ୍ଦର ସାହୁ, ସମ୍ପାଦକ ଭରତ ଦାସ, ପ୍ରେମାନନ୍ଦ ମାଝୀ, ସୁଜିତ ରଞ୍ଜନ ପାଢ଼ୀ, ଅଭିଳାଷ ବଘାର, କୋଷାଧ୍ୟକ୍ଷ ପଦ୍ମଲୋଚନ ସାହୁ, ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ମନୋଜ କୁମାର କର, କେଦାର ବଡଜେନା, ତରଣୀସେନ ମେହେର, ଉପଦେଷ୍ଟା ଭଗବାନ ମହାନ୍ତି, ଚିନ୍ତାମଣି ମହାରଣା, ଦୁର୍ଯୋଧନ ବେହେରା, ମଧୁସୁଦନ ନାଗ, କୁନ୍ତ ପୋଢ଼, ବାବୁଲି ରାଉତ, ସୁଧୀର ପାଣି, ଜୟକିଶନ ବାଗ, କିଶୋର ପୃଷ୍ଟି, ହେମନ୍ତ କୁମାର ଶର୍ମାଙ୍କ ସହ ସାହୁ, ସାଂସ୍କୃତିକ ସମ୍ପାଦକ ପ୍ରମୁଖ ସୁଦର୍ଶନ ଦୀପ, ପ୍ରତିଷ୍ଠାତା ରମେଶ କୁମାର ନାଗ, ଖଗେଶ୍ୱର ସାହୁ, ବୈରାଷ୍ଟ୍ର ପୋଢ଼, ସଂଯୋଜକ ସୁଧାଂଶୁ ପୋଢ଼ ଯାଦବ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାବୁଲାଲ କେତକୀ, ସୁଦାମ ବଘାର, ଯାଞ୍ଚ ଅଧିକାରୀ ଅନୀଲ କୁମାର ଶର୍ମା, ସୁରେଶ କୁମାର ଶର୍ମା, ଗୋପପୁର ପ୍ରମୁଖ ରାଜୀବ କୁଅଁର, ଗୋପବନ୍ଧୁ ଭୋଇ, ସୁଶାନ୍ତ ମାଝୀ, ଶିବ ଧାରୁଆ, ତୁଳସୀରାମ ଆୟୋଜକ କମିଟିର ସମସ୍ତ କର୍ମକର୍ତ୍ତା, ମଥୁରା ନଗରୀ ମୁରିବାହାଲ ଓ ଗୋପପୁର ବନବାହାଲର ସମସ୍ତ ଅଧିବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସାତଦିନ ବ୍ୟାପି ଧନୁଯାତ୍ରାରେ ମୀନା ବଜାର, ବିଭିନ୍ନ ଜିନିଷ କିଣିବା, ବୁଲିବା ତଥା ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଶେଷରେ କମିଟିର ସାଧାରଣ ସମ୍ପାଦକ ତରୁଣ ପୋଢ଼ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।





● ରଜନା ପଞ୍ଚାୟତରେ ପିଡିଏସ୍ ଦୁର୍ନୀତି

# ଚାଉଳ ନମିଳିଲେ ଧାରଣାଦେବେ ଗ୍ରାମବାସୀ




**ନୂଆପଡ଼ା, ୪।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ରଜନା ଗ୍ରାମପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ, ଯୋଗାଣ ସହାୟକଙ୍କ ମଧୁଚନ୍ଦ୍ରିକା ଯୋଗୁଁ ହିତାଧିକାରୀମାନେ ମାସାଧିକ କାଳ ପିଡିଏସ ଚାଉଳ ପାଇବାରୁ ବଞ୍ଚିତ ରହିଛନ୍ତି। କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଅର୍ଦ୍ଧାଧିକ ଲୋକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି। ଅନ୍ୟପକ୍ଷେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ପଞ୍ଚାୟତର ଅର୍ଦ୍ଧାଧିକ ପରିବାର ବିସ୍ଥାପିତ ହୋଇଥିବାବେଳେ ଏଯାଏଁ ସଠିକ ଭାବେ ଥଇଥାନ ହୋଇପାରି ନାହାନ୍ତି। ଏଭଳି ଏକ ପଞ୍ଚାୟତରେ ପିଡିଏସ ବ୍ୟବସ୍ଥା ପ୍ରତି ପ୍ରଶାସନ ଏକ ପ୍ରକାର ଆଖି ବୁଜି ଦେଇଥିବା କୁହାଯାଉଛି। ଗତ ବର୍ଷ ଜୁନ ଏବଂ ଜୁଲାଇର ଚାଉଳ ହିତାଧିକାରୀମାନଙ୍କୁ ଦିଆଯାଇ ନଥିବାନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ପରେ ତତ୍କାଳୀନ ବିଡିଓ ହସ୍ତକ୍ଷେପ କରି ଯୋଗାଣ ସହାୟକଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ କରିଥିଲେ। ଆତ୍ମସାତ କରିଥିବା ଚାଉଳ ଭରଣା ହେଲାନାହିଁ। ଏହା ପରେ ପରେ ପୁଣି ଥରେ ସେପ୍ଟେମ୍ବରରୁ ଏଯାଏଁ ଅର୍ଦ୍ଧାଧିକ ହିତାଧିକାରୀ ସଠିକ ଭାବେ ଚାଉଳ ପାଉନାହାନ୍ତି। ଅର୍ଦ୍ଧାଧିକ ପରିବାର ଚାଉଳ ନପାଇ ଭୋକ ଉପାସରେ ରହୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗ୍ରାମପଞ୍ଚାୟତବାସୀ ବାରମ୍ବାର ବ୍ଲକ ପ୍ରଶାସନକୁ ଜଣାଇବାପରେ ମଧ୍ଯ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଗୁରୁବାର ଦିନ ନୂଆପଡ଼ାକୁ ଆସିଥିଲେ। ଗ୍ରାମବାସୀଙ୍କ ତରଫରୁ ପୂର୍ବତନ ସରପଞ୍ଚ ସୁନ୍ଦର ଚିନ୍ଦା, ନରସିଂ ପୋଢ, ସଦାନନ୍ଦ ସଗରିଆ, ହିରାଧର ହାତୀ, ଟଙ୍କଧର ଚିନ୍ଦା ପ୍ରମୁଖ ସାମିଲ ଥିଲେ। ଆସନ୍ତା ୯ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ନାବାଳିକା ଅପହରଣ; ଯୁବକ କୋର୍ଟ ଚାଲାଣ



**ଲଡୁଗାଁ, ୪।୧(ସମିସ):** କୋକସରା ଥାନା ଅନ୍ତର୍ଗତ ଛଆଁଣବାହିଲି ଗ୍ରାମର ଜଣେ ନାବାଳିକାକୁ ଅପହରଣ ଅଭିଯୋଗରେ ଗୁରୁବାର କୋକସରା ପୁଲିସ ବେହେରାଗୁଡା ଗ୍ରାମର ଜଣେ ବିବାହିତ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ପଡୋଶୀ ଗ୍ରାମର ବିବାହିତ ଯୁବକ ରାମନାଥ ଚଣ୍ଟନି (୩୨) ନାବାଳିକାକୁ ଅପହରଣ କରି ନିଜ ଘରକୁ ନେଇଥିଲା। ଏହା ଜାଣିପାରି ନାବାଳିକାର ବାପା ଅପହୃତା ନାବାଳିକାକୁ ଉଦ୍ଧାର କରି ଗତ ୨ ତାରିଖରେ ନାବାଳିକାର ବାପା କୋକସରା ଥାନାରେ ଅଭିଯୋଗ କରିଥିଲେ। ଏହି ସଂକ୍ରାନ୍ତରେ କୋକସରା ଥାନାରେ ମାମଲା ରୁଜୁ ହୋଇଥିବା ନେଇ ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି।

କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ

# ଯୁଧିଷ୍ଠିରଙ୍କ ଖେତରେ ହସୁଛି ସୁନାର ଫସଲ

କୋକସରା, ୪।୧(ସମିସ)





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୂରଦୃଷ୍ଟି ଯୋଗୁଁ କଳାହାଣ୍ଡି ଏବେ ଶସ୍ୟ ଶ୍ୟାମଳାରେ ପରିପୂର୍ଣ୍ଣ ହୋଇ ଉଠିଛି। ପୂର୍ବାପେକ୍ଷା କୃଷି କର୍ମଚାରୀମାନେ ଅଧିକ ତତ୍ପରତା ଦେଖାଇ ତୃଣମୂଳ ସ୍ତରରୁ କୃଷି ଓ କୃଷକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ଦେଖାଯାଇଛି। କୃଷିକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଦେଖାଯିବା ସହ କୃଷକଙ୍କ ଆୟ ବହୁଗୁଣିତ ହୋଇଛି। ଏପରି ଏକ ଚିତ୍ର ଦେଖିବାକୁ ମିଳୁଛି କୋକସରା ବ୍ଲକ ଫୁପଗାଁରେ। ଏହି ଗାଁର ଚାଷୀ ଯୁଧିଷ୍ଠିର ପଟେଲ(୬୦), କୃଷି କର୍ମକୁ ଆଦରି ନେଇ ବର୍ଷ ସାରା ନିଜ ଜମିରେ ପନିପରିବା ଚାଷ କରି ଏକ ସଫଳ ଚାଷୀ ଭାବେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି। ଯୁଧିଷ୍ଠିର ୨୭ବର୍ଷ ହେବ ନିଜର ୫୦ ଡେସିମିଲି ଜାଗାରେ ବାର୍ଷସାରା ପରିବା ଚାଷ କରି ଆସୁଛନ୍ତି। ତାଙ୍କ ଚାଷ କାର୍ଯ୍ୟରେ ସ୍ତ୍ରୀ ସଂକ୍ରାନ୍ତି ପଟେଲ, ପୁଅ ପର୍ଶୁରାମ ପଟେଲ ଓ ବୋହୂ ସାହାଯ୍ୟ କରିଥାନ୍ତି। ତାଙ୍କ ଜମିରେ କୂଅ କି ପୋଖରୀ ନଥିବାରୁ ନିକଟରେ ପ୍ରବାହିତ ହେଉଥିବା ମୁଟୁରା ନଦୀ କୂଳରୁ ମଟର ପାଇପ୍ ଯୋଗେ ପାଣି ଉଠାଇ ଯୁଧିଷ୍ଠିର ଜମିରେ କୋବି, ବାଇଗଣ, ଲଙ୍କା, କାଙ୍କୁଡି, ଟମାଟୋ, ଭାଜି ଶାଗ, ମୁଳା, ବୋରବୋଟି, ଗଣ୍ଠି କୋବି, ବନ୍ଧାକୋବି, ପିଆଜ ଆଦି ଚାଷ କରିଥାନ୍ତି। ଦୁଇଟି ଋତୁରେ ପ୍ରାୟ ୨୦ ହଜାର ଟଙ୍କା ଖର୍ଚ୍ଚ କରି ମାତ୍ର ୫୦ ଡେସିମିଲି ଜମିରେ ବାର୍ଷିକ ୨ଲକ୍ଷରୁ ଉର୍ଦ୍ଧ୍ୱ ରୋଜଗାର କରୁଥିବା ପ୍ରକାଶ କରିଛନ୍ତି। ପୂର୍ବରୁ ତାଙ୍କ ଜମିରେ ୧୦ରୁ୧୫ କିଲୋ ଓଜନର କୋବି ଫଳୁଥିବାବେଳେ ବାଇଗଣ ପ୍ରତି ଗଛରେ ୯୦ରୁ ଶହେଟି ଫଳୁଥିଲା। ଏହାକୁ 'କଳାହାଣ୍ଡି ଉତ୍ସବ'ରେ ପ୍ରଦର୍ଶିତ କରି ସେ' ଉନ୍ନତ ମାନର ଚାଷ ଯୋଗୁଁ ସମ୍ମାନିତ ମଧ୍ଯ ହୋଇଥିବା କହିଛନ୍ତି। ବର୍ତ୍ତମାନ କୋକସରା ଅଞ୍ଚଳରେ ପୂର୍ବଭଳି ଉନ୍ନତ ମାନର ବିହନ ମିଳୁ ନଥିବା ସେ' କହିଛନ୍ତି। ତାଙ୍କୁ ଚାଷ ନିମନ୍ତେ କୌଣସି ସରକାରୀ ସହାୟତା ମିଳିନାହିଁ। ଅନ୍ୟପଟେ ୪ ଜଣ ଚାଷୀ ନହେବାରୁ ସରକାରୀ ସହାୟତାରୁ ବୋରୱେଲ ଟିଏ ମଧ କରି ପାରୁ ନାହାଁନ୍ତି। ଯଦି ଚାଷ ଜମିରେ ବୋରୱେଲ କିମ୍ବା କୂଅ ବ୍ୟବସ୍ଥା ସହ ଏହି ଅଞ୍ଚଳରେ ଉନ୍ନତ ମାନର ବିହନ ମିଳିଲେ ଆହୁରି ଅଧିକ ମାତ୍ରାରେ ପରିବା ଚାଷ କରିବା ପାଇଁ ଆଶା ରଖିଛନ୍ତି। ସେ' ଧାନ ଚାଷ ମଧ କରୁଥିବାବେଳେ ପନିପରିବା ଚାଷରୁ ଲକ୍ଷାଧିକ ଟଙ୍କା ପାଉଥିବାବେଳେ ଏହା ତାଙ୍କ ପରିବାରକୁ ଅଧିକ ରୋଜଗାର ଦେଉଛି। ତେବେ ଯୁଧିଷ୍ଠିରଙ୍କ ଚାଷ ଗାଁର ଅନ୍ୟ ଚାଷୀଙ୍କୁ ମଧ ପ୍ରଭାବିତ କରୁଛି। ଘରଠାରୁ ରାଜ୍ୟ ବାହାରକୁ ଦାନନ ଯିବା ଅପେକ୍ଷା ଗାଁ ମାଟିରେ ଚାଷ କରି ମଧ ଲକ୍ଷାଧିକ ଟଙ୍କା ରୋଜଗାର କରିହେବ, ତେଣୁ ଯୁବଗୋଷ୍ଠୀ ଦାଦନ ଯିବାରୁ ନିବୃତ ରହି ଚାଷ ପ୍ରତି ଆଗ୍ରହ ବଢ଼ାଇବା ପାଇଁ ଚାଷୀ ଯୁଧିଷ୍ଠିର ପଟେଲ ମତ ରଖିଛନ୍ତି।

# ସମ୍ବର୍ଦ୍ଧିତହେଲେ ବିଜେଡି ସମ୍ପାଦକ



**ଭବାନୀପାଟଣା, ୪।୧(ସମିସ):** ଭବାନୀପାଟଣା ନିର୍ବାଚନମଣ୍ଡଳୀର ଭବାନୀପାଟଣା ବ୍ଲକ ଅନ୍ତର୍ଗତ ସେଁପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ପ୍ରସିଦ୍ଧ ଧନୁଯାତ୍ରା ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ବିଜୁ ଯୁବ ଜନତା ଦଳ ସମ୍ପାଦକ ସେନାପତି ନାଏକ । ମଞ୍ଚରେ କଂସ ମହାରାଜଙ୍କ ସହିତ ଉପସ୍ଥିତ ରହି ଭଗବାନ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରି ଜନ ସମୁଦ୍ରକୁ ସମ୍ବୋଧିତ କରି ନିଜର ଭାଷଣ ରଖିଥିଲେ। ଶ୍ରୀ ନାଏକଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ସହ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରାଜୀବ ଶତପଥୀ, ଯୁବନେତା ରାଜେଶ ସାହୁ, ବିଜୟରାଜ ଶିଖା ଯୋଗ ଦେଇଥିଲେ।

# ବିଜେଡିର କେସିଙ୍ଗା ଏନ୍‌ଏସି ୱାର୍ଡସ୍ତରୀୟ ବୈଠକ



**ଭବାନୀପାଟଣା/କେସିଙ୍ଗା, ୪।୧(ସମିସ):** ଭବାନୀପାଟଣା ନିର୍ବାଚନମଣ୍ଡଳୀ କେସିଙ୍ଗା ଏନଏସିର ୱାର୍ଡ ନଂ ୩ରେ ସ୍ଥାନୀୟ ଅଧିବାସୀ ଏବଂ ଯୁବକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବ ଉପସଭାପତି ମଣ୍ଟୁ ନାଏକ ପ୍ରଭୁ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଜେଡି ସଂଗଠନକୁ କିଭଳି ଅଧିକ ମଜଭୂତ ଓ କ୍ରିୟାଶୀଳ କରିହେବ ସେନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଯୁବନେତା ଲମ୍ବୋଦର ସୁନାନୀ, ଲଳିତ ମଙ୍ଗରାଜ, ଆଶୁତୋଷ ବେହେରା, ଅଶ୍ୱିନ ତାଣ୍ଡି, ଦିଲ୍ଲୀପ ଅରୁଆ, ଆଶିଷ ଛତର, ନେତ୍ରୀ ସରସ୍ୱତୀ ସୁନା, ବୃନ୍ଦା ସୁନା, ଛାତ୍ର, ମହିଳା, ବୁଦ୍ଧିଜୀବୀ ଓ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ।

# 'ନୂଆ-ଓ' ଯୁବ ଓଡ଼ିଶା କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ




**ଧର୍ମଗଡ଼, ୪।୧(ସମିସ):** ଧର୍ମଗଡ ପଞ୍ଚାୟତ କଲେଜ ପଡିଆରେ ନୂଆ-ଓ ଅନ୍ତର୍ଗତ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ସାତ ଦିନ ଧରି ଚାଲିଥିବା କ୍ରୀଡ଼ା ଉତ୍ସବରେ କୃତୀ ଖେଳାଳି ଓ ଟିମକୁ ଟ୍ରଫି ସହ ପୁରସ୍କାର ବିତରଣ କରଯାଇଥିଲା। ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌସୁଧି ବାଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଗଡ ବିଡିଓ, ଏନଏସି ଅଧ୍ୟକ୍ଷ ଅଶୋକ ମହାନ୍ତି, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଏନଏସି ଉପାଧ୍ୟକ୍ଷା ମନୀଷା ମିଶ୍ର, ତହସିଲଦାର ସଞ୍ଜୟ ସାମନ୍ତରାୟ, ପଞ୍ଚାୟତ କଲେଜ ଅଧ୍ୟକ୍ଷ ଜଗନ୍ନାଥ ରାଓ, ଜିଲ୍ଲା ପରିଷଦ ଗୋପୀନାଥ ମହାନନ୍ଦ, ଶଙ୍କର ଜୁଏଡ଼, ପ୍ରଣବ ପ୍ରସାଦ ଭଇସାଲ ପ୍ରମୁଖ ଉପସ୍ଥିତ ଥିବା ବେଳେ ସନ୍ତୋଷ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।

# କେସିଙ୍ଗା ବ୍ଲକରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା




**କେସିଙ୍ଗା, ୪।୧(ସମିସ):** ଗୁରୁବାର କେସିଙ୍ଗା ବ୍ଲକ ଦେଓଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୪ ପାଳନ କରାଯାଇଥିବା ବେଳେ ବ୍ଲକ୍ ର ୨୬ଟି ଗ୍ରାମପଞ୍ଚାୟତରେ ଏହି ସାଂସ୍କୃତିକ ଉତ୍ସବ ପାଳନ କରାଯିବ ବୋଲି ବିଡିଓ ପଦ୍ମନାଭ ପୁରୋହିତ ପ୍ରକାଶ କରିଛନ୍ତି। ଦେଓଗାଁ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବରେ ମୁଖ୍ୟଅତିଥି ଭାବରେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ବ୍ଲକ୍ ଉପାଧ୍ୟକ୍ଷା ରାଜଶ୍ରୀ ପଟ୍ଟନାୟକ, ଦେଓଗାଁ ସରପଞ୍ଚ ଡମ୍ବରୁଧର ପଟ୍ଟନାୟକ, କୁଣ୍ଡାବନ୍ଧ୍ ସମିତିସଭ୍ୟ ତଥା ଅଞ୍ଚଳର ବିଶିଷ୍ଟ ସମାଜସେବୀ ମନୋଜ ପଟ୍ଟନାୟକ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ସୁଧୀର ନାଏକ।

# ଚିଲିଚିଲାରେ ସାବିତ୍ରୀବାଈ ଫୁଲେ ଜୟନ୍ତୀ



**ବେହେରା, ୪।୧(ସମିସ):** ଶିକ୍ଷାର ଜନନୀ ମାତା ସାବିତ୍ରୀବାଈ ଫୁଲେଙ୍କ ୧୯୩ତମ ଜୟନ୍ତୀ ବୁଧବାର କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଚିଲିଚିଲା ଗାଁରେ ଏସସି ଏସଟି, ଓବିଶି ମିଳିତ ମଞ୍ଚ ତରଫରୁ ପାଳିତ ହୋଇଯାଇଛି। ଗ୍ରାମର ଝାଙ୍କର ଲକ୍ଷ୍ମୀଧର ମାଝୀଙ୍କ ସଭାପତିତ୍ୱରେ ଢଗ ନାଏକ ଓ ବନ୍ଦନା ଗାନ କରିଥିଲେ। ମାଳି ସମାଜର ସାଧାରଣ ସମ୍ପାଦକ ପ୍ରଶାନ୍ତ ନାଏକ, ସତ୍ୟବାନ ନାଏକ, ତ୍ରିନାଥ ମାଝୀ, ମିଥୁନ ଦୁର୍ଗା, ବିରଞ୍ଚି ସାଗର, ଦେବରାଜ ଧଙ୍ଗଡାମାଝୀ, ରଘୁମଣି ସାଗର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଟିକେଶ୍ୱର ନାଏକ ସଭା ପରିଚାଳନା କରିଥିବା ବେଳେ ବିମଳ ଧଙ୍ଗଡାମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଧର୍ମେନ୍ଦ୍ର ନାଏକ, ବଂଶୀଧର ସାଗର, ନାଗେଶ୍ୱର ନାଏକ, ପ୍ରଶାନ୍ତ ନାଏକ, ହରି ସାଗର, ଜୟଶଙ୍କର ମାଝୀ, ଭୋକରଧନ ଶବର, ରୋହିତ ମାଝୀ, ନୀଳାମ୍ବର ଗୋପାଳ, ଚାନ୍ଦବଲ ହଂସ ସହଯୋଗ କରିଥିଲେ।

# ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ; ଦୁଇ କୋର୍ଟ ଚାଲାଣ





**କୋକସରା/ଲଡୁଗାଁ, ୪।୧(ସମିସ):** ପିକନିକ୍ ପାଇଁ ଗାଁ ନିକଟସ୍ଥ ପାହାଡ଼କୁ ଯାଇଥିବା କୋକସରା ଥାନାଞ୍ଚଳର ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଛି। ଏହି ଘଟଣାରେ କୋକସରା ପୁଲିସ ଧନସରା ଗ୍ରାମର ଜିତେନ୍ଦ୍ର ଶବର ଓରଫ୍ ଜିତେନ୍ (୨୩) ଓ ଶଙ୍କର ରାଉତ(୨୩)ଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ନୂଆବର୍ଷ ଦିନ ପୀଡ଼ିତା ଯୁବତୀ, ବଡ଼ ଭଉଣୀ ଓ ତାଙ୍କ ଘରେ କାମ କରୁଥିବା ଜଣେ ଚାକର ଗାଁ ନିକଟରେ ଥିବା ଡଙ୍ଗରୀ ପାଖକୁ ପିକନିକ୍ କରିବା ପାଇଁ ଯାଇଥିଲେ। ସେଠାରେ ରୋଷେଇ କରିବା ସମୟରେ ପୀଡିତା ଝିଅ ଡଙ୍ଗର ଆଖ ପାଖରେ ଫଟୋ ଉଠାବା ପାଇଁ ବୁଲା ବୁଲି କରୁଥିଲେ। ଏହି ସମୟରେ ଯୁବତୀଙ୍କୁ ଏକୁଟିଆ ଦେଖି ଦୁଇ ଜଣ ଯୁବକ ଜିତେନ୍ଦ୍ର ଓ ଶଙ୍କର ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରୁଥିବାବେଳେ ଝିଅ ତାଙ୍କ ପରିବାର ନିକଟରେ ଫୋନ୍ କରି ଦେଇଥିଲା। ଏହାପରେ ସମ୍ପୃକ୍ତ ଦୁଇ ଯୁବକ ସେଠାରୁ ଫେରାର ମାରିଥିଲେ। ଏନେଇ ପୀଡ଼ିତାଙ୍କ ପରିବାର କୋକସରା ଥାନାର ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରିଛି ପୁଲିସ।

# ଆଜିଠୁ ସିପିଆଇ ରାଜ୍ୟ ପରିଷଦ ବୈଠକ

**ଜୁନାଗଡ଼, ୪।୧(ସମିସ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଓଡ଼ିଶା ରାଜ୍ୟ ପରିଷଦ ବୈଠକ ଚଳିତ ଜାନୁଆରୀ ୫,୬ ଓ ୭ ତାରିଖ ଅନୁଷ୍ଠିତ ହେବାକୁ ଥିବା ବେଳେ ଜୁନାଗଡ ମୋନାର୍କ ପାଲେସଠାରେ ପାର୍ଟିର ରାଜ୍ୟ ସମ୍ପାଦକ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଦାମୋଦର ବେହେରା, ଜିଲ୍ଲା ସମ୍ପାଦକ ଅକ୍ଷୟ ମେହେର, ପୂର୍ବତନ ଜିଲ୍ଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିଲ୍ଲା ସହ ସମ୍ପାଦକ ଜଗଦୀଶ ଦୁର୍ଗା ଓ ସଞ୍ଜୟ ସୁନାନୀ ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀ ଉପରେ ଦାମୋଦର ବେହେରା ସୂଚନା ଦେଇଥିଲେ।

# କୁମାରଗୁଡ଼ା ବୁଢାରଜା ମହୋତ୍ସବ ପାଇଁ ପ୍ରସ୍ତୁତି

**ଲାଞ୍ଜିଗଡ,୪।୧ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତସ୍ଥିତ କୁମାର ଗୁଡାରେ ବୁଢ଼ାରଜା ମହୋତ୍ସବ ପାଇଁ ବୁଢାରଜା ୟୁଥ କ୍ଲବ ସଭାପତି ରାମଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ହେଉଥିବା ବୁଢାରଜା ମହୋତ୍ସବ ପାଇଁ ଆଲୋଚନା ହୋଇଥିଲା। ଚଳିତବର୍ଷ ବୁଢାରଜା ମହୋତ୍ସବର ମୁଖ୍ୟ ଆକର୍ଷଣ ମିନାବାଜାର, ରେକର୍ଡ ଡ୍ୟାନ୍ସ, ମେଲୋଡି, ସମେତ ଓଡିଶାର ହାସ୍ୟ କଳାକାର ପପୁ ପମପମ ପରି ହାସ୍ୟ ଅଭିନେତା ଉତ୍ସବରେ ଯୋଗ ଦେଉଥିବାରୁ ଆଗ ବର୍ଷ ଅପେକ୍ଷା ଏହି ବର୍ଷ ପ୍ରବଳ ଭିଡ ହୋଇ ପରେ ବୋଲି ବୁଢାରଜା କମିଟି ପାଖରୁ ସୂଚନା ମିଳିଛି। ଏହି ବର୍ଷକୁ ଯୋଡ଼ିଲେ ୧୨ ବର୍ଷ ରେ ପଦାର୍ପଣ କରିବ କୁମାର ଗୁଡା ବୁଢ଼ାରଜା ମହୋତ୍ସବ ବୋଲି ବୁଢାରାଜ ୟୁଥ କ୍ଲବର ସୂଚନା ରହିଛି। ସଭାପତି ରାମଚନ୍ଦ୍ର ମାଝୀ, ଉପସଭାପତି ହରି ସାହୁ, ସମ୍ପଦକ ଈଶ୍ୱର ବାଗ, ସହସମ୍ପାଦକ ସୁମନ୍ତ ନାଏକ, ମେନେଜର ବିଷ୍ଣୁ ନାଏକ, ଟିମଲିଡର ବିସ୍ମ ମାଝୀ, ପ୍ରୋଗ୍ରାମ ଡିଜେନର ଧନୀଆ ହରିଜନ, ରମେଶ ନାଏକ, ରାଜେଶ ନାଏକ, ଦୟା ରାମ ସାହୁ, ରବି ନାଏକ, ଲକ୍ଷ୍ମଣ ନାଏକ, ଧନୁର୍ଦ୍ଧର ବାଗ, ଗିରିଲାଲ ସିଂ, ମୁନା ପ୍ରଧାନୀ ସମେତ ବୁଢା ରଜା ୟୁଥ କ୍ଲବର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ।

ସର୍ବଭାରତୀୟ ୱାଇଏମ୍‌ସି କପ୍ କ୍ରିକେଟ୍

# ପ୍ରଥମ ମ୍ୟାଚରେ ରାୟପୁରକୁ ହରାଇଲା ସମ୍ବଲପୁର

ନୂଆପଡ଼ା, ୪।୧(ସମିସ)




ମିନିଷ୍ଟାଡିୟମରେ ୱାଇଏମସି କ୍ଲବ ତରଫରୁ ୩୨ତମ ସର୍ବଭାରତୀୟ ୱାଇଏମସି କପ କ୍ରିକେଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ସମ୍ବଲପୁର ଦଳ ୮ୱିକେଟରେ ରାୟପୁର କେଏଫସି ଦଳକୁ ହରାଇଛି। ପୂର୍ବାହ୍ନ କାର୍ଯ୍ୟକ୍ରମରେ ଆବାହକ ସରୋଜ ସାହୁଙ୍କ ସଭାପତିତ୍ୱରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା ମୁଖ୍ୟଅତିଥି, ଏସପି ଜି.ଆର. ରାଘବେନ୍ଦ୍ର ବିଶେଷ ଅତିଥି, ନୂଆପଡ଼ା ଏନଏସି ଅଧ୍ୟକ୍ଷ ମହମ୍ମଦ ଆଦମ, ଖରିଆରରୋଡ ଏନଏସି ଅଧ୍ୟକ୍ଷ ସୋନିଆ ଜୈନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରିକେଟ ଆସୋସିଏସନ ସଭାପତି ପ୍ରକାଶ ସାହୁ ପରିଚାଳନା କରିଥିଲେ। କ୍ଲବର ସଭାପତି ବାପି ଦାସ, ସମ୍ପାଦକ ପିଣ୍ଟୁ ବର୍ଗତିଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତା ଯୋଗ ଦେଇଥିଲେ। ରାୟପୁର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୨୪.୧ଓଭରରୁ ସମସ୍ତ ୱିକେଟ ହରାଇ ୧୫୫ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରିତୁରାଜ ସର୍ବାଧିକ ୪୯ବଲରୁ ୭୫ରନ କରିଥିଲେ। ଜବାବରେ ସମ୍ବଲପୁର ଦଳ ୨୮.୪ ବଲରେ ଦୁଇ ୱିକେଟ ହରାଇ ୧୫୬ ରନ ସଂଗ୍ରହ କରି ମ୍ୟାଚ ଜିଣିଥିଲେ। ସମ୍ବଲପୁର ଦଳର ପ୍ରଶାନ୍ତ ଦାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା। ସଂଧ୍ୟାରେ ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲାକ୍ରିଡାଧିକାରୀ ଅଜୟ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶୁକ୍ରବାର ଇଷ୍ଟକୋଷ୍ଟ ରେଳବାଇ ଖୋର୍ଦ୍ଧା ଏବଂ ସେରସା ବିଳାସପୁର ମଧ୍ୟରେ ଦ୍ୱିତୀୟ ମ୍ୟାଚ ହେବ ବୋଲି ଖେଳ ସୂଚୀରେ ରହିଛି।

# ମାଣ୍ଡେଲରେ ଘରପୋଡ଼ି: କାରଣ ଅସ୍ପଷ୍ଟ



**ନର୍ଲା, ୪।୧(ସମିସ):** କିଛି ଦିନ ହେଲା ମାଣ୍ଡେଲ ଗ୍ରାମର ବାସିନ୍ଦା ଅଭୟ ବଗର୍ତ୍ତି, କମ୍ଭୁ ବଗର୍ତ୍ତି ଓ ନୀର ବଗର୍ତ୍ତିଙ୍କ ଘରେ ଅଦ୍ଭୁତ ଭାବରେ ନିଆଁ ଲାଗୁଥିବା ଜଣାପଡିଛି। ହଠାତ୍ ନିଆଁ ଲାଗି ଘରର କପଡାଲତା, ଖଟ ପଲଙ୍କ ସହିତ ବିଭିନ୍ନ ଆସବାବପତ୍ର ପୋଡି ପାଉଁଶ ହୋଇଯାଉଛି। ଯେତେ ସତର୍କତା ଅବଲମ୍ବନ କଲେ ମଧ ନିଆଁ ଲାଗିବା ବନ୍ଦ କରି ପାରୁନାହାନ୍ତି ପରିବାର ଲୋକେ। ଘରେ ଥିବା ଧାନ,ଚାଉଳ,ଅଟା ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ମଧ ପୋଡି ଯାଉଛି। ଉକ୍ତ ପରିବାର ଲୋକେ ନିଆଁ ଦାଉରୁ ରକ୍ଷା ପାଇବା ପାଇଁ ସମସ୍ତ ଜିନିଷପତ୍ର କୁ କାଢି ବାହାରେ ରଖିଥିଲେ ହେଁ ତାହା ମଧ ନିଆଁ ଲାଗିଛି। ପ୍ରାୟ ୩ ଥର ନିଆଁ ଲାଗିଥିବା ବେଳେ ପୂର୍ବ ଦିନରେ ଅଗ୍ନିଶମ କର୍ମଚାରୀ ୨ ଥର ଘଟଣାସ୍ଥଳକୁ ଯାଇ ନିଆଁକୁ ଆୟତ୍ତ କରିସାରିଛନ୍ତି । ତେବେ ନିଆଁ କେବଳ ଦିନ ସମୟରେ ହିଁ ଲାଗୁଛି ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି। କୌଣସି ସଟସର୍କିଟ ମଧ ହୋଇନାହିଁ ଅଥଚ ୩ ପରିବାର ଘରେ ନିଆଁ ଲାଗିବା ଘଟଣା ସମସ୍ତଙ୍କୁ ଚକିତ କରିଦେଇଛି। ଉକ୍ତ ପରିବାର ସମେତ ସ୍ଥାନୀୟ ବାସିନ୍ଦା ନିଆଁ ଲାଗିବାର କାରଣ ଜାଣିପାରୁନାହାନ୍ତି ବରଂ ଏହାକୁ କୌଣସି ତନ୍ତ୍ରମନ୍ତ୍ର କିମ୍ବା ଗୁଣିଗାରେଡି ବୋଲି ସନ୍ଦେହ କରୁଛନ୍ତି। ପରିଶେଷରେ ଆଜି ନର୍ଲା ତହସିଲଦାର ଘଟଣାସ୍ଥଳକୁ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଅସହାୟ ଗରିବ ପରିବାରଙ୍କୁ ସହଯୋଗ କରିବା ଉଚିତ ବୋଲି ସାଧାରଣରେ ଦାବି ହେଉଛି।

